ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ସାମବେଦ

(सामबेद / Saamaveda)

ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ
Vedic Literature of Ancient India

# ସାମବେଦ

# କୌଥୁମ ସଂହିତା

(कौथुम संहिता)
(Kauthuma Samhitaa)

ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ
Editor – Prakash Pradhan

ଭାଷା - ସଂସ୍କୃତ-ଓଡିଆ
Language – Sanskrit - Odia

ଶୁଦ୍ଧିକରଣ (Proofreading by)
ଶ୍ରୀ କମଳ ଲୋଚନ ପଣ୍ଡା
ଶ୍ରୀ ଶେଷଦେବ ଦାଶ




**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦନା

prakash@scholarshoppe.com


## ଶୁଦ୍ଧିକରଣ






**ଶ୍ରୀ କମଳ ଲୋଚନ ପଣ୍ଡା**

ଜିଲ୍ଲା ଅଧ୍ୟକ୍ଷ, ବୈଦିକ ବ୍ରାହ୍ମଣ ପରିଷଦ,

ସମ୍ବଲପୁର, ଓଡ଼ିଶା

klpandajsg@gmail.com

**ଶ୍ରୀ ଶେଷଦେବ ଦାଶ**

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ପୂର୍ବାଭାଷ

ଓଁ ଶ୍ରୀ ଗଣେଶାୟ ନମଃ

ମାତୃପିତୃଭ୍ୟାଂ ନମଃ ।

ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।

ଶ୍ରୀ ମହାଗଣପତୟେ ନମଃ ।

ଶ୍ରୀ ସରସ୍ୱତ୍ୟୈ ନମଃ ।

ସର୍ବଭ୍ୟୋ ଦେବେଭ୍ୟୋ ନମଃ ।

ଶ୍ରୀ ବେଦାୟ ନମଃ ।

ଶ୍ରୀ ବେଦପୁରୁଷାୟ ନମଃ ।

**୧୩ ଜୁଲାଇ ୨୦୨୨, ବ୍ୟାସ ପୂର୍ଣ୍ଣିମା,** ଓଡିଆ ଭାଷାରେ ବେଦମାନଙ୍କର ରୂପାନ୍ତର ସୃଙ୍ଖଳାରେ ଏହା ମୋର ୪ର୍ଥ ପ୍ରକଳ୍ପ । "ଋକ୍-ବେଦ", ଯଜୁର୍ବେଦ, ଓ "୧୦୮ ଉପନିଷଦ" ଓଡିଆ ଭାଷାରେ ରୂପାନ୍ତର କରିବା ପରେ, ପାଠକ ଓ ଶୁଭେଚ୍ଛୁମାନଙ୍କ ଅନୁରୋଧ କ୍ରମେ "**ଅଥର୍ବବେଦ**" ଓ "**ସାମବେଦ**"ଙ୍କୁ ଓଡିଆ ଭାଷାରେ ରୂପାନ୍ତର କରିବା ପ୍ରକଳ୍ପ ହାତକୁ ନେଲି, ଓ ଏହା ଉପରେ ଗବେଷଣା ତଥା କାର୍ଯ୍ୟ କରିବାକୁ ଲାଗିପଡିଲି । ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ " ଅଥର୍ବବେଦ " ସମାପନ କରିବାର ନିଷ୍ପତି ନେଇ କାର୍ଯ୍ୟ ଆରମ୍ଭ କରିଦେଲି । ସେଥିପାଇଁ ଉପଲବ୍ଧ " ଶୌନକ ସଂହିତା"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଦେଲି । ଅନେକଦିନ କାର୍ଯ୍ୟକରିବା ପରେ "ଶୌନକ ସଂହିତା"ର ରୂପାନ୍ତର କାର୍ଯ୍ୟ ଶେଷ ହେଲା । ଏହି ପ୍ରକଳ୍ପର ୨ୟ ପର୍ଯ୍ୟାୟରେ "ସାମବେଦ"ଙ୍କୁ ଓଡିଆ ଲିପିରେ ରୂପାନ୍ତର କାର୍ଯ୍ୟ ଆରମ୍ଭକରି, ଏହାର ଉପଲବ୍ଧ "**କୌଥୁମ ସଂହିତା**"ଙ୍କର ରୂପାନ୍ତର ମଧ୍ୟ ଶେଷ ହେଲା । ଏହି ସଂସ୍କରଣର ବିଶେଷତ୍ୱ ଏହା ଯେ, ଏଥିରେ ପ୍ରତ୍ୟେକ ମନ୍ତ୍ରର ଋଷି, ଦେବତା ଓ ଛନ୍ଦ ନିର୍ଣ୍ଣୟ କରିବାରେ ବହୁ ପରିଶ୍ରମପୂର୍ବକ କାର୍ଯ୍ୟ କରାଯାଇଅଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାନଙ୍କର ସୂଚନା ମଧ୍ୟ ଦିଆଯାଇଛି, ଯାହାକି ଅନ୍ୟ ଉପଲବ୍ଧ ସଂସ୍କୃତ ସଂହିତା ମାନଙ୍କଠାରୁ ସ୍ୱତନ୍ତ୍ର କରିପାରିବ ବୋଲି ଆଶା କରୁଛି । ଏହି ସଂସ୍କରଣରେ ଯେଉଁ ସବୁ ବିଶେଷ୍ୱତ ରହିଛି, ସେମାନଙ୍କର ସ୍ୱଳ୍ପ ବିବରଣୀ ଆଗାମୀ ପୃଷ୍ଠାରେ ଦିଆଯାଇଛି ।

Not For Commercial Use

ଏହି ରୂପାନ୍ତରଣରେ ୧୯୬୦ ମସିହାର ଏକ ପୁରୁଣା ପୁସ୍ତକ "ସାମବେଦ ସଂହିତା"କୁ ଆଧାର ରୂପେ ନିଆଯାଇଛି, ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୂତ୍ରମାନଙ୍କୁ ନେଇ ଏହି ସଂସ୍କରଣର ସମାପନ କରାଯାଇଛି । ସମସ୍ତ ସୂତ୍ରର ସୂଚନା ତଳେ "ସୂତ୍ର ସୂଚନା" ଦିଆଯାଇଛି ।

ଏହି ରୂପାନ୍ତରଣରେ " ସାମବେଦ"ର ସ୍ୱର (ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ଇତ୍ୟାଦି) ମାନଙ୍କର ଶଂକେତ ବା ଚିହ୍ନ ଦିଆଯାଇନାହିଁ । ଏହାର କାରଣ ଓଡିଆ ଲିପିରେ ସେ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତଥାପି ଏହା ଉପରେ ଗବେଷଣା ଜାରି ରହିଛି, ହୋଇପାରେ ଏହାର ପରବର୍ତ୍ତି ସଂସ୍କରଣରେ ଏହା ଉପଲବ୍ଧ ହେବ । ୱେବ ସାଇଟରେ ସମସ୍ତ ଶ୍ଳୋକ ବା ମନ୍ତ୍ରମାନଙ୍କର ସ୍ୱରାବୃତି ଉପଲବ୍ଧ ଅଛି, ପାଠକମାନେ ଏହାକୁ ଶୁଣି ପାରିବେ ବା ଅଭ୍ୟାସ କରିପାରିବେ ।

'ସାମବେଦ'ର ଓଡିଆ ଲିପିରେ ରୂପାନ୍ତର ସରିବା ପରେ, ଏହା ଠିକ୍ ରେ ରୂପାନ୍ତର ହେଲା କି ନାହିଁ, ତାହାର ଶୁଦ୍ଧିକରଣ (ପ୍ରୁଫ୍-ରିଡିଙ୍ଗ୍) ଆବଶ୍ୟକ ଥିଲା । ଏଥିପାଇଁ ମୂଳ ଦସ୍ତାବେଜ ସଙ୍ଗରେ ରୂପାନ୍ତରୀତ ଦସ୍ତାବେଜର ଯାଞ୍ଚ କରିବାପାଇଁ, ୨ଜଣ ଅଲଗା ଅଲଗା ଶୁଦ୍ଧିକରଣ କାର୍ଯ୍ୟରେ ଲାଗିଥିଲେ । ସେମାନଙ୍କ ମଧ୍ୟରୁ "ଶ୍ରୀ କମଳ ଲୋଚନ ପଣ୍ଡା", ଓ "ଶ୍ରୀ ଶେଷଦେବ ଦାଶ" ମୂଖ୍ୟରୁପେ କାର୍ଯ୍ୟ କରିଥିଲେ । ମୁଁ ବ୍ୟକ୍ତିଗତ ଭାବେ ସମସ୍ତ ଯୋଗଦାନକାରୀ ସଦସ୍ୟମାନଙ୍କୁ କୃତଜ୍ଞତା ବ୍ୟକ୍ତ କରୁଛି । ତାଙ୍କର ଉପଦେଷ, ମାର୍ଗଦର୍ଶନ ଓ ସୁଧାରୀକରଣ ସର୍ବଦା ଅବିସ୍ମରଣୀୟ ରହିବ ।

ଶେଷରେ ସମସ୍ତଙ୍କ ଯୋଗଦାନ ପାଇଁ ଏହି ପବିତ୍ରଗ୍ରନ୍ଥ "**ସାମବେଦ ଓଡିଆରେ**" ପ୍ରସ୍ତୁତ ହୋଇପାରିଛି । ଆଶାକରୁଛି ଏହା ସମସ୍ତ ଓଡିଆ ଭାଷା ଭାଷୀ ବେଦଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୩୦.୦୮.୨୦୨୩** **ଶ୍ରୀ ପ୍ରକାଶ ପ୍ରଧାନ,**

**ରକ୍ଷାବନ୍ଧନ** **ସଂପାଦକ,**

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା, ଭାରତ ।

ବର୍ତମାନ ସ୍ଥିତି - ଚେନ୍ନାଇ, ତାମିଲନାଡୁ, ଭାରତ ।

## ଉତ୍ସର୍ଗ

ଏହି ଗ୍ରନ୍ଥ **"ସାମବେଦ ଓଡିଆରେ"** ଓଡିଆ ଭାଷୀ ସମସ୍ତ ଜନସାଧାରଣଙ୍କ ସେବାରେ ଓ ସାର୍ବଜନୀନ ଜ୍ଞାନ ପ୍ରସାର ନିମନ୍ତେ ଉତ୍ସର୍ଗ କରୁଛି ।

ବଶମ୍ବଦ

**ସଂପାଦକ**

## ନିବେଦନ

ଏହି ଗ୍ରନ୍ଥ **"ସାମବେଦ ଓଡିଆରେ"** ଟି ବ୍ୟକ୍ତିଗତ ପଠନ ଉଦ୍ଦେଶ୍ୟରେ ତିଆରି କରାଯାଇଛି ଓ ଏହା ସମସ୍ତଙ୍କୁ ଡିଜିଟାଲ ରୂପରେ ମୁକ୍ତ ଉପଲବ୍ଧ ହେବ । ଏହାର କୌଣସି **ବ୍ୟାପାରୀକରଣ ନ କରିବାକୁ** ଅନୁରୋଧ । ଯଦି କେହି ଏହାର ପ୍ରକାଶନ କରିବାକୁ ଚାହୁଁଛନ୍ତି, ସଂପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଏହି ଓଡିଆ ରୂପାନ୍ତରିତକୁ ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ, ସମସ୍ତ ସାବଧାନ ଓ ଯତ୍ନର ସହିତ ରୂପାନ୍ତର କରାଯାଇଛି । ତଥାପି, ଏଥିରେ ଭୂଲ ବା ତୃଟି ରହିଥାଇ ପାରେ । ତେଣୁ କୃପାଳୁ ପାଠକ, କ୍ଷମା କରିବା ସଙ୍ଗେ ସଙ୍ଗେ, ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

**ଶ୍ରୀ ପ୍ରକାଶ ପ୍ରଧାନ,**

**ସଂପାଦକ,**

# ଏହି ସଂସ୍କରଣରେ...

## ବେଦତ୍ରୟୀ ଓ ବେଦଚତୁଷ୍ଟୟୀ

ବେଦ ମାନବ ଇତିହାସର ସର୍ବପ୍ରଥମ ଓ ସର୍ବପୂରାତନ ସାହିତ୍ୟ ଅଟେ । ଭାରତୀୟଙ୍କ ମାନ୍ୟତାନୁସାରେ ବେଦର ସୃଷ୍ଟି ବ୍ରହ୍ମାଣ୍ଡ ସୃଷ୍ଟି ବେଳରୁ ତିଆରି ହୋଇଅଛି, ଯାହାକି ଏହା ଦୈବବାଣୀ ଅଟେ, ତଥା ଏହା ମୁନୀଋଷୀଙ୍କୁ ସାଧନା ଓ ତପସ୍ୟା ବଳରେ ପ୍ରାପ୍ତ ହୋଇଥିଲେ, ଯାହାକୁ ସେମାନେ ମାନବ କଲ୍ୟାଣ ଉଦ୍ଦେଶ୍ୟରେ  ପ୍ରକାଶ କରିଥିଲେ । କିନ୍ତୁ ବିଶ୍ଵର ଅନେକେ ଏହାର ଭିନ୍ନ ମତ ରଖନ୍ତି, ତଥାପି ଆଧୁନିକ ବିଜ୍ଞାନ ର ତ୍ଵାତ୍ତିକପ୍ରମାଣ ଦ୍ଵାରା ଏହା ପ୍ରମାଣିତ ଯେ ଏହା ପ୍ରାୟ ୧୦୦୦୦ ବର୍ଷରୁ ଉର୍ଦ୍ଧ୍ଵ ପୂରୁଣା ଅଟେ । ସେଥିପାଇଁ ସମସ୍ତ ବିଶ୍ଵର ମାନ୍ୟତା ଯେ ଏହା ସର୍ବପ୍ରଥମ ଓ ସର୍ବପୂରାତନ । ତେବେ ଏହା ସର୍ବପୂରାତନ ସାହିତ୍ୟ କେମିତି ? କୌଣସି ଭାଷା କେବଳ ୩ଗୋଟି ମାଧ୍ୟମରେ ପରିପ୍ରକାଶ ହୋଇ ପାରେ, ଯଥା - ପଦ୍ୟ, ଗଦ୍ୟ ଓ ସଂଗୀତ । ବେଦର ବିଭାଜନର ମୂଖ୍ୟ ଆଧାର ଏହା ହିଁ ଥିଲା ଅର୍ଥାତ୍ ସାହିତ୍ୟ ବିଶେଷ ତଥା ଏହା ତାହାର ପାଠଶୈଳୀ ସହିତ ଜଡିତ ମଧ୍ୟ । ବେଦର ସମସ୍ତ ମନ୍ତ୍ରସମୂହଙ୍କୁ ୩ଗୋଟି ଭାଗରେ ବିଭକ୍ତ କରାଯାଇଛି - ଯଥା ପଦବଦ୍ଧ ମନ୍ତ୍ରସମୂହ ଅର୍ଥାତ୍ ପଦ୍ୟ; ପଦବଦ୍ଧ ମନ୍ତ୍ରସମୂହ କିନ୍ତୁ ପାଠ୍ୟଶୈଳୀ ଗଦ୍ୟ ପ୍ରକାର;  ପୂନଃ ପଦବଦ୍ଧ ମନ୍ତ୍ର କିନ୍ତୁ ପାଠ୍ୟଶୈଳୀ ସଂଗୀତ ପ୍ରକାର । ତେଣୁ ଏହାର ପରିପ୍ରକାଶ ପଦ୍ୟ, ଗଦ୍ୟ ଓ ସଂଗୀତ ଅଟେ, ସେଥିପାଇଁ ଏହା ବିଶ୍ଵର ସର୍ବପୂରାତନ ସାହିତ୍ୟ ଅଟେ ।

### ବେଦତ୍ରୟୀ

ବେଦର ସମସ୍ତ ମନ୍ତ୍ରସମୂହଙ୍କୁ ୩ଟି ଗୁଣ ତଥା ୩ଟି ପାଠ୍ୟଶୈଳୀ ରେ ବିଭାଜନ କରାଯାଇଅଛି । ପଦ୍ୟମନ୍ତ୍ରଙ୍କୁ ଋକ୍-ବେଦରେ, ଗଦ୍ୟମନ୍ତ୍ରଙ୍କୁ ଯଜୁସ୍ ଓ ପଦବଦ୍ଧମନ୍ତ୍ରଙ୍କୁ ସଂଗୀତ ଆକାରରେ ଗାୟନକୁ ସାମନ୍ ଭାବରେ ବିଭକ୍ତ କରାଯାଇଅଛି । ତେଣୁ ୩ଟି ଗୁଣ (ଋକ୍, ଯଜୁସ୍, ସାମନ୍) ଓ ୩ଟି ଶୈଳୀ (ପଦ୍ୟ, ଗଦ୍ୟ, ସଂଗୀତ), ଏହାଙ୍କୁ "ବେଦତ୍ରୟୀ" କୁହାଯାଏ ।

Not For Commercial Use

## ବେଦଚତୁଷ୍ଟୟୀ

ଏବେ ମନରେ ପ୍ରଶ୍ନ ଉଠିପାରେ ଯେ ଆମେ ବେଦଙ୍କୁ ବେଦତ୍ରୟୀ କହିବା, ଅଥବା ବେଦଚତୁଷ୍ଟୟୀ କହିବା ? କାରଣ ବେଦ ୪ଟି, ଯଥା - ଋକ, ଯଜୁ, ସାମ ଓ ଅଥର୍ବ । ଏହାର ଉତ୍ତର - ଏହା ବେଦତ୍ରୟୀ ଅଟନ୍ତି ଓ ବେଦଚତୁଷ୍ଟୟୀ ମଧ୍ୟ ଅଟନ୍ତି ।

ବେଦର ସାହିତ୍ୱିକ ଓ ପାଠ୍ୟଶୈଳୀ ଦୃଷ୍ଟିକୋଣରୁ ଏହା ବେଦତ୍ରୟୀ ଯଥା - ପଦ୍ୟ, ଗଦ୍ୟ ଓ ସଂଗୀତ । କିନ୍ତୁ ଜ୍ଞାନର ବିଷୟ ଦୃଷ୍ଟିକୋଣରୁ ଏହା ୪ଗୋଟି ଅଟନ୍ତି - ଯଥା - ଋକ୍-ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ । ଏହାର ସ୍ପଷ୍ଟତା ନିମ୍ନରେ ଦିଆଯାଇଛି ।

**ବେଦତ୍ରୟୀ** - ପଦ୍ୟମନ୍ତ୍ର, ଗଦ୍ୟମନ୍ତ୍ର ଓ ସଂଗୀତମନ୍ତ୍ର ସମୂହ ।

**ବେଦଚତୁଷ୍ଟୟୀ** - ଗୁଣବର୍ଣ୍ଣନ ମନ୍ତ୍ରସମୂହ ବା ଜ୍ଞାନଯୁକ୍ତ ମନ୍ତ୍ରସମୂହ (ଋକ୍-ବେଦ), ଯଜ୍ଞକର୍ମ ମନ୍ତ୍ରସମୂହ (ଯଜୁର୍ବେଦ), ସଂଗୀତ ମନ୍ତ୍ରସମୂହ (ସାମବେଦ), ବ୍ରହ୍ମଜ୍ଞାନ ମନ୍ତ୍ରସମୂହ (ଅଥର୍ବବେଦ) ।

# ସାମବେଦ ଏକ ବିଭୂତି

ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ଧ ଭଗବତ ଗୀତାରେ କହିଛନ୍ତି - "**ବେଦାନାଂ ସାମବେଦୋଽସ୍ମି**", ଅର୍ଥାତ୍ ବେଦମାନଙ୍କ ମଧ୍ୟରେ ସାମବେଦ ମୁଁ ଅଟେ, ଅନ୍ୟ ଦୃଷ୍ଟିକୋଣରୁ ସାମବେଦ ବେଦମାନଙ୍କ ମଧ୍ୟରେ ଭଗବାନଙ୍କ ଏକ ବିଭୂତି ଅଟେ । ପଦ୍ୟ, ଗଦ୍ୟ ଓ ଗାୟନ ମାନଙ୍କ ମଧ୍ୟରେ, ଗାୟନ ମନ ଉପରେ ଅଧିକ ପ୍ରଭାବ ପକାଇଥାଏ ଯାହାକୁ ସମସ୍ତେ ଅଳ୍ପାଧିକେ ଅନୁଭବ କରିଥିବେ । ଗାୟନ ସାଧାରଣ ମନୁଷ୍ୟ, ରୋଗୀ, ବୃକ୍ଷଲତା, ଓ ପଶୁପକ୍ଷୀ ମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ।

ଏହି ସାମଗାନର ପଦ୍ଧତି ଓ ଆଧୁନିକ ଗାନ ପଦ୍ଧତିରେ ସାମାନ୍ୟ ଅନ୍ତର ଥାଏ । ସାମଗାନରେ ସ୍ୱରକୁ ଉଚ୍ଚ ଆଳାପରୁ ଆରମ୍ଭକରି ଧୀରେଧୀରେ ନିଚ୍ଚ ଆଳାପ ପର୍ଯ୍ୟନ୍ତ ଅଣାଯାଇଥାଏ । ତେଣୁ ସାମଗାନ ଶୁଣିଲେ ଉଶୃଙ୍ଖଳ ମନ ଶାନ୍ତି ପ୍ରାପ୍ତ କରେ, ଯାହା ଫଳରେ ତୃପ୍ତି ପ୍ରାପ୍ତ ହୁଏ । ଆଧୁନିକ ପଦ୍ଧତି ଗାନରେ ଉଚ୍ଚ ଓ ନିଚ୍ଚ ସ୍ୱରମାନଙ୍କର ମିଶ୍ରଣ ଥାଏ, ଯାହା ଶୁଣିଲେ ମନକୁ ଅଧିକ ଶାନ୍ତି ମିଳେ ନାହିଁ । ଏହା ହିଁ ଦୁଇ ପ୍ରକାର ପଦ୍ଧତି ମଧ୍ୟରେ ପ୍ରାର୍ଥକ୍ୟ । ସେଇଥିପାଇଁ ମନକୁ ଶାନ୍ତ କରାଇବା ପାଇଁ ସାମଗାନ ଶ୍ରବଣ ଲାଭଦାୟକ ଅଟେ ।

Not For Commercial Use

ଏହି ସାମବେଦର ଗୀତଯୁକ୍ତ ବିଭୂତିତ୍ୱ ଯାହାକୁ ଶ୍ରବଣକଲେ ଉଶୃଙ୍ଖଳ ମନକୁ ଶାନ୍ତି ମିଳେ । ମହାଭାରତର ଅନୁଶାସନପର୍ବରେ ମଧ୍ୟ କୁହାଯାଇଛି –

**ସାମବେଦଶ୍ଚ ବେଦାନାଂ ଯଜୁଷାଂ ଶତରୁଦ୍ରିୟମ୍ | (ମ. ଭା. - ୧୪|୩|୬)**

ଚାରୋଟି ବେଦମାନଙ୍କ ମଧ୍ୟରେ "ସାମବେଦ" ଓ ଯଜୁର୍ବେଦର "ଶତରୁଦ୍ରିୟ" ବିଶେଷ ମହତ୍ତ୍ୱର ଗ୍ରନ୍ଥ ଅଟନ୍ତି।

ଗୀତାରେ କୁହାଯାଇଛି - **ପ୍ରଣବଃ ସର୍ବବେଦେଷୁ || (ଗୀ - ୭|୮)**

ତଥା ମହାଭାରତରେ ମଧ୍ୟ - **ଓଂକାରଃ ସର୍ବବେଦାନାମ୍ || (ମହା ଅଶ୍ୱମେଧ - ୪୪|୬)**

ଏଠାରେ ଓଂକାରର ଶ୍ରେଷ୍ଠତା ବିଷୟରେ କୁହାଯାଇଛି, ଏହି ଓଂକାରର ପ୍ରଶଂସାରେ ସାମବେଦର ମହତ୍ତ୍ୱର ନ୍ୟୂନତା ଆସିଯିବ, ଏକଥା ନୁହେଁ । କାରଣ "ଓଂକାର" ଓ "ଉଦ୍ଗୀଥ" ଦୁଇଟି ସମାନାର୍ଥକ ଅଟନ୍ତି ଏବଂ ଉଦ୍ଗୀଥ ସାମବେଦର ସାର ଅଟେ ।

ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି **- ସାମ୍ନଃ ଉଦ୍ଗୀଥୋ ରସଃ || (ଛା. ଉ - ୧|୧|୨)**

"ସାମର ରସ ଉଦ୍ଗୀଥ ଅଟେ" । ଏହିଭଳି ସାମବେଦର ମହତ୍ତ୍ୱ ବର୍ଣ୍ଣିତ ଅଛି ।

ଏହି ସାମବେଦ ହିଁ ଭଗବାନଙ୍କର ବିଭୂତି କାହିଁକି ? ଏହା ଭିତରେ କେଉଁ ବିଶେଷତା ରହିଛି, ଏହାର ଏବେ ବିଚାର କରିବା –

**ଯଦ୍ୟଦ୍ୱିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା |**
**ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଽଂଶସମ୍ଭବମ୍ || (ଗୀ - ୧୦|୪୧)**

ବିଭୂତିର ଏହି ଲକ୍ଷଣ ଗୀତାରେ କୁହାଯାଇଛି – “ଯେଉଁ ସବୁ ବିଭୂତିଯୁକ୍ତ ଅର୍ଥାତ ଐଶ୍ୱର୍ଯ୍ୟଯୁକ୍ତ, କାନ୍ତିଯୁକ୍ତ ଓ ଶକ୍ତିଯୁକ୍ତ ବସ୍ତୁ ଅଛି, ସେସବୁକୁ ତୁମେ ମୋ ତେଜର ଆଂଶିକ ଅଭିବ୍ୟକ୍ତି ବୋଲି ହିଁ ଜାଣ” । ଏହି ଲକ୍ଷଣ ଆଧାରରେ ସାମବେଦରେ ନିଃସନ୍ଦେହ ଏକ ବିଭୂତି ରହିଅଛି । ସାମବେଦ ଗାୟନରୂପ ହେବା କାରଣରୁ "ଶବ୍ଦବ୍ରହ୍ମ"କୁ ଗାୟନରୂପୀ ଭିଭୂତି କୁହାଯାଏ । ତାନ ଅଥବା ଆଳାପରୁ ସାମବେଦର ଶୋଭା

Not For Commercial Use

ଦେଖାଯାଇଥାଏ, ଏହା ହିଁ ଏହାର ଶ୍ରୀମତ୍ତ୍ୱ ଅଟେ । ସେଇଭଳି ଏହି ସାମବେଦର ସମ-ଉର୍ଜିତ-ତତ୍ତ୍ୱ ବିକାର, ବିଶ୍ଳେଷଣ, ବିକର୍ଷଣ, ଅଭ୍ୟାସ, ବିରାମ, ସ୍ତୋଭ ଆଦି ଗାନମାନଙ୍କର ଯୋଜନାରୁ ଶ୍ରୋତାମାନଙ୍କୁ ଅନୁଭବ ହୋଇଥାଏ । ସାଧାରଣ ଗଦ୍ୟ ଅପେକ୍ଷା ଛନ୍ଦ, ଛନ୍ଦ ଅପେକ୍ଷା କାବ୍ୟ, କାବ୍ୟ ଅପେକ୍ଷା ଗାୟନ ଓ ଗାୟନରେ ତାନମାନଙ୍କର ଆଳାପ ବିଶେଷ ପ୍ରଭାବଶାଳୀ ହୋଇଥାଏ । ଏହି କାରଣରୁ ସାମବେଦର ବିଶେଷ ମହତ୍ତ୍ୱ ରହିଅଛି । ଏହା ମଧ୍ୟ ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି –

**ବାଚଃ ଋଗ୍ରସଃ, ଋଚଃ ସାମରସଃ | ସାମ୍ନ ଉଦ୍ଗୀଥୋ ରସଃ || (ଛା.ଉ - ୧|୧|୨)**

ଅର୍ଥାତ୍ "ବାଣୀର ରସ ଋଚା ଅଟେ, ଋଚାର ରସ ସାମ ଅଟେ" । ଆଉ ମଧ୍ୟ କୁହାଯାଇଛି –

**ସାମବେଦ ଏବ ପୁଷ୍ପମ୍ | (ଛା.ଉ - ୩|୩|୧)**

"ଯେଉଁପରି ବୃକ୍ଷର ପତ୍ର ଓ ଫୁଲ ମଧ୍ୟରେ ଫୁଲ ବିଶେଷ ଶୋଭାଦାୟକ ହୋଇଥାଏ, ସେହିପରି ଗାୟନରୂପ ହୋଇଥିବା କାରଣରୁ ସାମବେଦ ବେଦବୃକ୍ଷର ଫୁଲ ଅଟେ ।

# ସାମବେଦର ଅର୍ଥ

ସାମବେଦର ଅର୍ଥ ଓ ଏହାର ସ୍ୱରୂପ କ'ଣ ? ସାମବେଦର ଅର୍ଥ କ'ଣ କେବଳ ମନ୍ତ୍ର ସଂଗ୍ରହ ଅଟେ, ଅଥବା କେବଳ ଗାନମୟ ଅଟେ ? ଆସନ୍ତୁ ଏହାର ବିଚାର କରିବା । ଛନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି –

**ୟା ଋକ୍ ତତ୍ସାମ | (ଛା.ଉ - ୧|୩|୪)**

"ସାମ ଋଚାମାନଙ୍କର ସଂଗ୍ରହ ଅଟେ" । ଆଉ ମଧ୍ୟ କୁହାଯାଇଛି –

**ଋଚି ଅଧ୍ୟୂଢଂ ସାମ | (ଛା.ଉ - ୧|୬|୧)**

"ସାମ ଋଚା ଉପରେ ଆଧାରିତ" । ସାମ ଋଚାମାନଙ୍କୁ ଛାଡି ଆଉ କାହାର ଆଶ୍ରିତ ନୁହେଁ ।

ଋକ୍-ବେଦ ଓ ସାମବେଦ ଏକ "ସ୍ତ୍ରୀ-ପୁରୁଷ"ର ଯୋଡ଼ି ସଦୃଶ ଅଟନ୍ତି, ଏହା ମଧ୍ୟ କୁହାଯାଇଛି –

Not For Commercial Use

**ଅମୋଽହମସ୍ମି ସା ତ୍ୱଂ, ସାମାହମସ୍ମି ଋକ୍ ତ୍ୱଂ । ଦ୍ୌରହଂ ପୃଥିବୀ ତ୍ୱଂ ।**
**ତାବିହ ସଂଭବାବ, ପ୍ରଜାମାଜନୟାବହୈ ।**
(ଅଥର୍ବବେଦ - ୧୪।୨।୭୧; ଐ.ବ୍ରା - ୮।୨୭; ବୃ.ଉ - ୬।୪।୨୦)
ମୁଁ ପତି "ଅମ" ଅଟେ ଓ ତୁମେ ସ୍ତ୍ରୀ "ଋଚା" ଅଟ, "ସାମ" ମୁଁ ଅଟେ ଓ ତୁମେ "ଋଚା" ଅଟ, "ଦ୍ୟୌ (ସ୍ୱର୍ଗ)" ମୁଁ ଅଟେ ଓ ତୁମେ ପୃଥିବୀ ଅଟ, ଆମେ ଦୁହେଁ ମିଶିକରି ଯେଉଁଠି ଉତ୍ପନ୍ନ ହୋଇଆସୁଛୁ, ପ୍ରଜା ଉତ୍ପନ କରନ୍ତୁ । ଏଥିରେ ସାମ ଶବ୍ଦର ବ୍ୟୁତ୍ପତ୍ତି ଦିଆଯାଇଛି । "**ସା+ଅମ = ସାମଃ**" । "ସା"ର ଅର୍ଥ "ଋଚା" ଓ "ଅମ"ର ଅର୍ଥ ଆଳାପ, ଅତଃ "ସାମ"ର ଅର୍ଥ ଋଚାମାନଙ୍କୁ ଆଧାରକରି କରାଯାଉଥିବା ଗାନ ସମୂହ ଅଟନ୍ତି ।

## ପାଦବଦ୍ଧମନ୍ତ୍ରମାନଙ୍କର ଗାନ

ଋକ୍-ବେଦ ଓ ଅଥର୍ବବେଦରେ ପାଦବଦ୍ଧମନ୍ତ୍ରମାନ ଅଛନ୍ତି । "ପତି-ପତ୍ନୀ"ଙ୍କ ସମାନ ସାମ ଓ ଋଚାର ସମ୍ବନ୍ଧ ଅଟେ । ଉପନିଷଦରେ ଏମାନଙ୍କର ଅନ୍ୟ ଏକ ସମ୍ବନ୍ଧ ଦେଖାଯାଏ, ତାହା ଏହି ପ୍ରକାରର -

**ବାକ୍ ଚ ପ୍ରାଣଶ୍ଚ, ଋକ୍ ଚ ସାମ ଚ । (ଛା.ଉ - ୧।୧।୫)**
**ବାଗେବ ସା ପ୍ରାଣୋଽମସ୍ତତ୍ସାମ । (ଛା.ଉ - ୧।୭।୧)**
ବାଣୀ ଓ ପ୍ରାଣ କ୍ରମଶଃ ଋକ୍ ଓ ସାମ ଅଟନ୍ତି । ବାଣୀ ଋଚା ଅଟନ୍ତି ଓ ପ୍ରାଣ ସାମ ଅଟନ୍ତି । ବାଣୀ ଓ ପ୍ରାଣର ଯେଉଁପରି ସମ୍ବନ୍ଧ ସେହିପରି ଋଚା ଓ ସାମ ର ସମ୍ବନ୍ଧ ଅଟେ ।

## ସ୍ୱର-ମଣ୍ଡଳ

ଋଚାମାନଙ୍କର ଅର୍ଥ ପାଦବଦ୍ଧମନ୍ତ୍ର ସମୂହ । ଏହି ମନ୍ତ୍ରମାନଙ୍କୁ ଷଡ୍ଜ, ମଧ୍ୟମ ଆଦି ସ୍ୱରରେ ଆଳାପ କରାଯାଇଥାଏ । ସେହିଥିପାଇଁ ଏହା କୁହାଯାଇଛି –

**ଗୀତିଷୁ ସାମାଖ୍ୟା । (ଜୈ.ସୂ - ୨।୧।୩୬)**

ବେଦମନ୍ତ୍ରମାନଙ୍କର ଗାନର ସଂଜ୍ଞା "ସାମ" ଅଟନ୍ତି । ନା କେବଳ ମନ୍ତ୍ରପାଠ "ସାମ"ର ସଂଜ୍ଞା, ନା କେବଳ ଗାନ "ସାମ"ର ସଂଜ୍ଞା ଅଟେ, ପରନ୍ତୁ ଏହି ଦୁଇଙ୍କର ମିଶ୍ରଣକୁ "ସାମ"ର ସଂଜ୍ଞା କୁହାଯାଏ । ଛାନ୍ଦୋଗ୍ୟ ଉପନିଷଦରେ ଶାଳାବତ୍ୟ, ଦାଲ୍‌ଭ୍ୟଙ୍କ ସଂବାଦରେ କହିଛନ୍ତି –

Not For Commercial Use

**କା ସାମ୍ନୋ ଗତିରିତି? ସ୍ୱର ଇତି ହୋବାଚ | (ଛା.ଉ - ୧|୮|୪)**

"ସାମ"ର ଗତି କ'ଣ ? ସ୍ୱର-ଆଳାପ ହିଁ ସାମର ଗତି ଅଟେ । ସ୍ୱର ଅଥବା ଆଳାପ ବିନା ସାମ ସମ୍ଭବ ନୁହେଁ, ତଥା -

**ତସ୍ୟ ହୈତସ୍ୟ ସାମ୍ନୋ ଯଃ ସ୍ୱଂ ବେଦ, ଭବତି ହାସ୍ୟଂ ସ୍ୱଂ,**
**ତସ୍ୟ ସ୍ୱର ଏବ ସ୍ୱମ୍ | (ବୃ.ଉ - ୧|୩|୨୫)**

"ସାମର ସ୍ୱରୂପ ଆଳାପ ଅଟେ ।" ଏହି ସାମର ସ୍ୱର ସମ୍ବନ୍ଧିୟ ଶିକ୍ଷା ତଥା ସ୍ୱରମଣ୍ଡଳମାନଙ୍କର ଗଣନା "**ନାରଦୀୟଶିକ୍ଷା**" ଯାହାକି ଦେବର୍ଷି ନାରଦଙ୍କ ଦ୍ୱାରା ପ୍ରକଟିତ କରାଯାଇଥିଲା, ସେଥିରେ ଏହି ପ୍ରକାର କୁହାଯାଇଛି –

**ଆର୍ଚିକଂ ଗାଥିକଂ ଚୈବ ସାମିକଂ ଚ ସ୍ୱରାନ୍ତରମ୍ |**
**କୃତାନ୍ତେ ସ୍ୱର ଶାସ୍ତ୍ରାଣାଂ ପ୍ରୟୋକ୍ତବ୍ୟଂ ବିଶେଷତଃ || ୧-୨ ||**

ନାରଦମୁନୀ ତାଙ୍କ ଶିଷ୍ୟମାନଙ୍କୁ କହୁଛନ୍ତି - ଯଦିଚ ସମସ୍ତ ସ୍ୱର **ଓଁ** ରୁ ସୃଷ୍ଟି, ତଥାପି ଏହା **ଉର୍ଧ୍ୱ, ମଧ୍ୟମ** ଓ **ଅଧଃସ୍ଥାନ** ଆଦି ଅନେକ ଭେଦରେ ପ୍ରାପ୍ତ ହୁଅନ୍ତି । ଋକ୍, ଯଜୁ, ସାମ ଆଦି ବେଦମାନଙ୍କରେ **ଭିନ୍ନ ଭିନ୍ନ** ସ୍ୱର ଦ୍ୱାରା ପାଠ କରାଯାଇଥାଏ ଓ ଏହା କଣ୍ଠ, ହସ୍ତ ଓ ଅଙ୍ଗୁଳି ଆଦି ଚାଳନା ମାର୍ଗରେ ପ୍ରଦଶିତ ହୁଅନ୍ତି ।

(ତିନୋଟି ସ୍ୱରସ୍ତର ସମ୍ବନ୍ଧରେ - Scales)

**ଉରଃ କଣ୍ଠଃ ଶିରଶ୍ଚୈବ ସ୍ଥାନାନି ତ୍ରିଣିବାଙ୍-ମୟେ |**
**ସବନାନ୍ୟାହୁରେତାନି ସାମ ବାଂପ୍ୟର୍ଥତୋନ୍ତରମ୍ || ୧-୭ ||**

ନାରଦମୁନୀ କହୁଛନ୍ତି - ଏହି **ଉଚ୍ଚ, ନିଚ** ଓ **ମଧ୍ୟମ** ସ୍ୱର ଉତ୍ପତି, ଏମାନଙ୍କର ସ୍ଥାନ ଓ କାଳ ସମ୍ବନ୍ଧରେ କହୁଛି ଶୁଣ । ବାଣୀ ୪ ପ୍ରକାରର ଅଟନ୍ତି, ଯଥା ପରା, ପଶ୍ୟନ୍ତୀ, ମଧ୍ୟମା ଓ ବୈଖରୀ । ଏଥି ମଧ୍ୟରୁ ପରାବାଣୀ ବିନ୍ଦୁରୂପ ଅଟେ, ଯାହାର ସ୍ଥାନ ନାଭିକମଳ ଓ ଏହା ଯୁକ୍ତ (+) ଯୋଗୀ ଅଟେ, ତଥା ଏହା ସର୍ବଦୈବ ଜ୍ଞାନ । ୨ୟ ଟି ପଶ୍ୟନ୍ତି, ଏହା ଯୁଞ୍ଜାନ୍ ଅର୍ଥାତ୍ ଯାହାର ବିଚାର କଲେ ଜ୍ଞାନ ପ୍ରାପ୍ତ ହୁଏ, ଏହାର ସ୍ଥାନ ନାଭିରୁ ହୃଦୟ ପର୍ଯ୍ୟନ୍ତ, ଏହା କ୍ରିୟାରୂପ ଅଟେ । ୩ୟଟି ମଧ୍ୟମା, ଏହା ଅର୍ଥରୂପ ଅଟେ, ଏହାର ସ୍ଥାନ ହୃଦୟ ଅଟେ ଯେଉଁଠାରେ ଅର୍ଥଯୁକ୍ତ ଶବ୍ଦମାନଙ୍କୁ ବ୍ୟକ୍ତ କରିବା ପୂର୍ବରୁ ବିଚାର କରାଯାଏ କିନ୍ତୁ ଏଠାରେ ବର୍ଣ୍ଣ ମାନଙ୍କର ଉଚ୍ଚାରଣ କରାଯାଏ ନାହିଁ । ୪ଥ ଟି ବୈଖରୀ ବାଣୀ, ଏହା ବର୍ଣ୍ଣଯୁକ୍ତ, ଓ ଏଠାରେ



Not For Commercial Use

ଅନ୍ତଃକରଣର ଭାବାର୍ଥ ପ୍ରକଟିତ କରାଯାଏ । ବୈଖରୀ ବାଣୀର ଉର, କଣ୍ଠ ଓ ଶିର - ଏହିପରି ୩ଟି ଉଚ୍ଚାରଣ ସ୍ଥାନ ଅଟନ୍ତି । ପ୍ରାତଃ, ମଧ୍ୟାହ୍ନ ଓ ସାୟଂ ଏହି ୩ଟି କାଳ ଯାହାଙ୍କୁ ଯାଜ୍ଞିକ ଲୋକମାନେ ସବନ କହନ୍ତି । ଏହି ୩ ସ୍ଥାନରୁ **ମନ୍ଦ୍ର**, **ମଧ୍ୟ** ଓ **ତାର** ସ୍ୱର କ୍ରମନ୍ୱୟରେ ଉତ୍ପନ୍ନ ହୁଏ ଓ ଏମାନେ କ୍ରମନ୍ୱୟରେ ପ୍ରାତଃ, ମଧ୍ୟାହ୍ନ ଓ ସାୟଂ କାଳ ସହିତ ଜଡିତ ଅଟନ୍ତି ।

**ଉରଃ ସପ୍ତବିଚାରଂ ସ୍ୟାତ୍ତଥା କଣ୍ଠସ୍ତଥାଶିରଃ |**
**ନ ଚ ସପ୍ତୋରସି ବ୍ୟକ୍ତାସ୍ତଥା ପ୍ରାବଚନୋବିଧିଃ || ୧-୮ ||**

ଉରଃ, ଅର୍ଥାତ୍ ହୃଦୟଦେଶରେ ସା, ରେ, ଗା ଆଦି ସପ୍ତସ୍ୱର ଉତ୍ପନ୍ନ ହୋଇଥାଏ, ଯାହାକୁ ଆଧୁନିକ ଜନ "ସ୍ୱରଜ" କୁହନ୍ତି । ସେହିପରି କଣ୍ଠଦେଶରେ ସାତସ୍ୱରମାନଙ୍କର ଉଚ୍ଚାରଣ ହୁଏ ଓ "ତା'ର ସ୍ୱର" ଶିରଭାଗରେ ଉଚ୍ଚାରଣ ହୁଏ ଯାହାକୁ "ସପ୍ତକ" (ସାତସ୍ୱର) କୁହନ୍ତି । ହୃଦୟଦେଶରେ ସ୍ୱର ଅବ୍ୟକ୍ତ ହୋଇଥାଏ, ତେଣୁ ଏହାକୁ "ପ୍ରବଚନବିଧି" କୁହନ୍ତି ।

**ସପ୍ତସ୍ୱରାସ୍ତ୍ରୟୋ ଗ୍ରାମା ମୂର୍ଚ୍ଛନାସ୍ତ୍ୱେକବିଂଶତିଃ |**
**ତାନା ଏକୋନପଞ୍ଚାଶ-ଦିତ୍ୟେତତ୍ସ୍ୱର ମଣ୍ଡଳମ୍ || ୨-୪ ||**

ସାତସ୍ୱର (ସା, ରେ, ଗା, ମା, ପା, ଧା, ନି), ୩ଟି ଗ୍ରାମ (ଷଡ୍‌ଜ, ମଧ୍ୟମ ଓ ଗାନ୍ଧାର), ୨୧ଟି ମୂର୍ଚ୍ଛନା ଓ ୪୯ଟି ତାନ, ଏହି ସମସ୍ତକୁ **"ସ୍ୱରମଣ୍ଡଳ"** କୁହାଯାଏ ।

**ଷଡ୍‌ଜଶ୍ଚ ଋଷଭଶ୍ଚୈବ ଗାନ୍ଧାରୋ ମଧ୍ୟମସ୍ତଥା |**
**ପଞ୍ଚମୋ ଧୈବତଶ୍ଚୈବ ନିଷଦଃ ସପ୍ତମଃ ସ୍ୱରଃ || ୨-୫ ||**

ଷଡ୍‌ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ଏହି ସାତସ୍ୱର ଅଟନ୍ତି ।

**ଷଡ୍‌ଜ-ମଧ୍ୟମ-ଗାନ୍ଧାରା ସ୍ତ୍ରୟୋଗ୍ରାମାଃ ପ୍ରକୀର୍ତିତାଃ |**
**ଭୂର୍ଲୋକାଜ୍ଜାୟତେ ଷଡଜୋ ଭୂବର୍ଲୋକାଚ୍ଚ ମଧ୍ୟମଃ || ୨-୬ ||**
**ସ୍ୱର୍ଗାତ୍ନାନ୍ୟତ୍ର ଗାନ୍ଧାରୋ ନାରଦସ୍ୟ ମତଂ ଯଥା |**
**ସ୍ୱରରାଗ ବିଶେଷେଣ ଗ୍ରାମ ରାଗା ଇତି ସ୍ମୃତାଃ || ୨-୭ ||**

ଷଡ୍‌ଜ, ମଧ୍ୟମ, ଓ ଗାନ୍ଧାର ଏହି ତିନୋଟି ଗ୍ରାମ (ସ୍ୱର ସମୁହ), ପ୍ରଥମଟି ଭୂଲୋକରୁ ଉତ୍ପନ୍ନ ହୋଇଅଛି, ୨ୟଟି ଭୂବଲୋକରୁ ଉତ୍ପନ୍ନ ହୋଇଅଛି ଓ ୩ୟଟି ସ୍ୱର୍ଗଲୋକରୁ ଉତ୍ପନ୍ନ ହୋଇଅଛି । ଏହା ନାରଦମୁନୀ କୁହନ୍ତି ।

Not For Commercial Use

(ପ୍ରକୃତି ଓ ସ୍ୱରର ସମ୍ବନ୍ଧ)

**ଷଡ୍‌ଜଂ ବଦତି ମୟୂରୋ ଗାବୋ ରଂଭନ୍ତି ଚର୍ଷଭମ୍ |**
**ଅଜାବିକେତୁ ଗାନ୍ଧାରମ୍ କ୍ରୌଚୋ ବଦତି ମଧ୍ୟମମ୍ || ୫-୩||**
**ପୁଷ୍ପସାଧାରଣେ କାଲେ କୋକିଲା ବଦତି ପଞ୍ଚମମ୍ |**
**ଅଶ୍ୱସ୍ତୁ ଧୈବତଂ ବକ୍ତି ନିଷାଦଂ ବକ୍ତି କୁଞ୍ଜରଃ || ୫-୪||**

ଶାସ୍ତ୍ରଜ୍ଞମାନେ ସାଧାରଣତ ଏହି ନିୟମ କୁହନ୍ତି ଯେ - ମୟୂରର ସ୍ୱରକୁ ଷଡ୍‌ଜ କୁହନ୍ତି, ଗୌ (ଗାଇ)ର ସ୍ୱରକୁ ଋଷଭ, ତଥା ଛାଗଳ ଅଥବା ଗଧିଆର ସ୍ୱରକୁ ଗାନ୍ଧାର ଓ କ୍ରୋଚ (ସାରସ)ର ସ୍ୱରକୁ ମଧ୍ୟମ କୁହନ୍ତି | ବସନ୍ତଋତୁରେ କୋକିଳ ପଞ୍ଚମ ସ୍ୱରର ଉଚ୍ଚାରଣ କରେ, ଘୋଡ଼ା ଧବତ ସ୍ୱର କରେ, ଓ ହାତୀ ନିଷାଦ ସ୍ୱର ଉଚ୍ଚାରଣ କରିଥାଏ |

(ସ୍ୱରମାନଙ୍କର ସ୍ଥାନ)

**କଣ୍ଠାଦୁତ୍ତିଷ୍ଠତେ ଷଡ୍‌ଜଃ ଶିରସସ୍ତ୍ୱ-ବୃଷଭଃ ସ୍ମୃତଃ |**
**ଗାନ୍ଧାରସ୍ତ୍ୱନୁନାସିକ୍ୟ ଉରସୋ ମଧ୍ୟମଃ ସ୍ୱରଃ || ୫-୫||**
**ଉରସଃ ଶିରସଃ କଣ୍ଠାଦୁତ୍ଥିତଃ ପଂଚମଃ ସ୍ୱରଃ |**
**ଲଲାଟାର୍ଦ୍ଧୈବତଂ ବିଦ୍ୟାନ୍ନିଷାଦଂ ସର୍ବସନ୍ଧିଜମ୍ || ୫-୬||**

କଣ୍ଠରୁ ଷଡ୍‌ଜ ବୋଲାଯାଏ, ଋଷଭ ଶିର (ମୁଣ୍ଡ)ରୁ ଉତ୍ପନ୍ନ ହୋଇଥାଏ, ଅନୁନାସିକ (ନାକ) ଗାନ୍ଧାରର ସ୍ଥାନ ଅଟେ ଓ ମଧ୍ୟମ ଉର (ଛାତି)ର ସ୍ଥାନ ଅଟେ । ଉର,ଶିର ଓ କଣ୍ଠରୁ ପଂଚମ ସ୍ୱର ବାହାରିଥାଏ, ଲଲାଟରୁ ଧୈବତ ଓ ସଂପୂର୍ଣ୍ଣ ସନ୍ଧିସ୍ଥାନରୁ ନିଷାଦ ଉତ୍ପନ୍ନ ହୋଇଥାଏ ।

**ନାସାକଣ୍ଠମୁରସ୍ତାଲୁ ଜିହ୍ୱା ଦନ୍ତାଁଶ୍ଚ ସଂସ୍ଥିତଃ |**
**ଷଡ୍‌ଭିଃ ସଂଜାୟତେ ୟସ୍ମାତ୍ତସ୍ମାତ୍‌ଷଡ୍‌ଜ ଇତି ସ୍ମୃତଃ || ୫-୭||**

ନାସିକା, କଣ୍ଠ, ଉର, ତାଲୁ, ଜିହ୍ୱା, ଓ ଦନ୍ତ, ଏହି ୬ଟି ସ୍ଥାନରୁ ଷଡ୍‌ଜ ସ୍ୱରର ଉତ୍ପତ୍ତି ବୋଲି ଜାଣ ।
ଏହିପାଇଁ ଏହାକୁ ଷଡ୍‌ଜ ବୋଲି ଯୌଗିକ ସଂଜ୍ଞା ଦିଆଯାଇଛି - **ଷଡ୍-ଭ୍ୟୋଜାତଃ ଷଡ୍‌ଜଃ** ।

Not For Commercial Use

(ଶରୀରରେ ସ୍ୱରର ଉତ୍ପତ୍ତି)

**ବାୟୁଃ ସମୁତ୍ଥିତୋ ନାଭେଃ କଂଠଶୀର୍ଷସମାହତଃ ।**
**ନର୍ଦତ୍ୟୃଷଭବଦ୍ୟସ୍ମାତ୍ ତସ୍ମାତ୍ ଋଷଭ ଉଚ୍ୟତେ ।। ୫-୮।।**

ବାୟୁ ନାଭିକମଳରୁ ବାହାରି କଣ୍ଠ ଓ ଶିରଭାଗକୁ ସ୍ପର୍ଶକରି ବଳଦ ସଦୃଶ ଧ୍ୱନିକୁ ଉତ୍ପନ୍ନ କରିଥାଏ, ସେଥିପାଇଁ ଏହାକୁ ଋଷଭ ବୋଲି ସଂଜ୍ଞା ଦିଆଯାଇଛି ।

**ବାୟୁଃ ସମୁତ୍ଥିତୋ ନାଭେଃ କଂଠଶୀର୍ଷସମାହତଃ ।**
**ନାସାଗନ୍ଧାବହଃ ପୁଣ୍ୟୋ ଗାନ୍ଧାରସ୍ତେନ ହେତୁନା ।। ୫-୯।।**

ବାୟୁ ନାଭିକମଳରୁ ବାହାରି କଣ୍ଠ ଓ ଶିରକୁ ସ୍ପର୍ଶକରି ନାସିକା ଭାଗରେ ଯେଉଁ ଧ୍ୱନି ଉତ୍ପନ୍ନ କରେ, ତାହାକୁ ଗାନ୍ଧାର କୁହନ୍ତି ।

**ବାୟୁଃ ସମୁଚ୍ଛିତୋ ନାଭେରୁରୋହୃଦି ସମାହତଃ ।**
**ନାଭିଂ ପ୍ରାପ୍ତୋ ମହାନାଦୋ ମଧ୍ୟମତ୍ୱଂ ସମଶ୍ନୁତେ ।। ୫-୧୦।।**

ନାଭିକମଳରୁ ଉଠିଥିବା ବାୟୁ ଉର ଓ ହୃଦୟକୁ ପ୍ରାପ୍ତହୋଇ ଯେବେ ମହାନାଦକୁ ଉତ୍ପନ୍ନକରେ, ତେବେ ଏହା ମଧ୍ୟମ ସଂଜ୍ଞାକୁ ପ୍ରାପ୍ତ ହୁଏ ।

**ବାୟୁଃ ସମୁତ୍ଥିତୋ ନାଭେରୁରୋ ହୃତ୍କଂଠଶିରୋ ହତଃ ।**
**ପଂଚମସ୍ଥାନୋତ୍ଥିତସ୍ୟାସ୍ୟ ପଂଚମତ୍ୱଂ ବିଧୀୟତେ ।। ୫-୧୧।।**

ନାଭିକମଳରୁ ସମୁତ୍ଥିତ ବାୟୁ ଯେବେ ଉର, ହୃଦୟ, କଣ୍ଠ ଓ ଶିରକୁ ସ୍ପର୍ଶକରି ଯେଉଁ ଶବ୍ଦ ଉତ୍ପନ୍ନକରେ, ତେବେ ତାହାକୁ ପଞ୍ଚମ କୁହାଯାଏ, କାରଣ ସେହି ସ୍ୱର ୫ଟି ସ୍ଥାନକୁ ସ୍ପର୍ଶକରି ବାହାରିଥାଏ ।

**ଧୈବତଂଚ ନିଷାଦଂଚ ବର୍ଜୟିତ୍ୱା ସ୍ୱରଦ୍ୱୟମ୍ ।**
**ଶେଷାନ୍ ପଂଚସ୍ୱରାଂସ୍ତ୍ୱନ୍ୟାନ୍ପଂଚସ୍ଥାନୋଚ୍ଛ୍ରିତାନ୍ବିଦୁଃ ।। ୫-୧୨।।**

ଧୈବତ ଓ ନିଷାଦ, ଏହି ୨ଟି ସ୍ୱରକୁ ଛାଡି ଶେଷ ୫ଟି ସ୍ୱର ୫ ସ୍ଥାନରୁ ବାହାରିଥାଆନ୍ତି ବୋଲି ଏହା ଜାଣ ।

Not For Commercial Use

# ସାମଗାନରେ ସ୍ୱରର କ୍ରମ

**ଯଃ ସାମଗାନାଂ ପ୍ରଥମଃ ସ ବେଣୋର୍ମଧ୍ୟମଃ ସ୍ୱରଃ ।**
**ଯୋ ଦ୍ୱିତୀୟଃ ସ ଗାଂଧାରଃ ତୃତୀୟସତ୍-ବୃଷଭଃ ସ୍ମୃତଃ ।। ୫-୧।।**
**ଚତୁର୍ଥଃ ଷଡ୍‌ଜ ଇତ୍ୟାହୁଃ ପଂଚମୋ ଧୈବତୋ ଭବେତ୍ ।**
**ଷଷ୍ଠୋ ନିଷାଦୋ ବିଜ୍ଞେୟଃ ସପ୍ତମଃ ପଂଚମଃ ସ୍ମୃତଃ ।। ୫-୨।। (ନାରଦୀୟଶିକ୍ଷା - ୫-।୧-୨।)**

ଏହି ନାରଦୀୟ-ଶିକ୍ଷାରେ ଧୈବତ ଓ ନିଷାଦର ସ୍ଥାନ ପରିବର୍ତ୍ତନ ଦେଖାଯାଏ, ଏହାର ବିଚାର ସଙ୍ଗୀତଜ୍ଞ କରନ୍ତୁ । ଏହାର ସ୍ୱର ସାମଗାନର ଅନୁସାରେ ଏହି ପ୍ରକାରର –

| | | | | |
|---|---|---|---|---|
| | ଅତିକୃଷ୍ଟଃ | | ପଂଚମ | ପ |
| ୧ | ପ୍ରଥମଃ | ବେଣୋଃ | ମଧ୍ୟମଃ | ମ |
| ୨ | ଦ୍ୱିତୀୟଃ | | ଗାଂଧାରଃ | ଗ |
| ୩ | ତୃତୀୟଃ | | ଋଷଭଃ | ରେ |
| ୪ | ଚତୁର୍ଥଃ | | ଷଡ୍‌ଜଃ | ସ |
| ୫ | ପଂଚମଃ | ମନ୍ଦ୍ରଃ | ନିଷାଦଃ | ନି |
| ୬ | ଷଷ୍ଠଃ | ଅତିସ୍ୱାର୍ଥଃ | ଧୈବତଃ | ଧ |
| ୭ | ସପ୍ତମଃ | | ପଂଚମଃ | ପ |

**ଏହାର କ୍ରମ କିପରି ଓ କାହିଁକି ?**

(କୃଷ୍ଟଃ) ତଦ୍ୟୋସୌ କୃଷ୍ଟତମ ଇବ ସାମ୍ନଃ ସ୍ୱରସ୍ତଂ ଦେବା ଉପଜୀବନ୍ତି । - ।।ପ।।
୧. ଯୋଽବରେଷାଂ ପ୍ରଥମସ୍ତଂ ମନୁଷ୍ୟା ଉପଜୀବନ୍ତି । - ।।ମ।।
୨. ଯୋ ଦ୍ୱିତୀୟସ୍ତଂ ଗନ୍ଧର୍ବାପ୍ସରସଃ ଉପଜୀବନ୍ତି । - ।।ଗ।।
୩. ଯୋ ତୃତୀୟସ୍ତଂ ପଶବଃ (ବୃଷଭଃ / ଋଷଭଃ) ଉପଜୀବନ୍ତି । - ।।ରେ।।
୪. ଯଶ୍ଚତୁର୍ଥସଂ ପିତରୋ ଯେ ଚାଣ୍ଡେଷୁଶେରତେ । - ।।ସ।।
୫. ଯଃ ପଂଚମସ୍ତମସୁରରକ୍ଷାଂସି (ନିଷାଦଃ) ଉପଜୀବନ୍ତି । - ।।ନି।।
(ଅନ୍ତ୍ୟଃ) ଯୋଽନ୍ତ୍ୟସ୍ତମୋଷଧୟୋ ବନସ୍ପତୟଶ୍ଚାନ୍ୟଜ୍ଜଗତ୍ (ସାମବିଧାନ ବ୍ରାହ୍ମଣେ) । - ।।ଧ।।

Not For Commercial Use

ତଥା ଏହା ମଧ୍ୟ ପରିଲକ୍ଷିତ ହୁଏ ଯେ - ଏହାର ସ୍ୱରକ୍ରମ ଉଚ୍ଚ ସ୍ୱରରୁ ନୀଚ ସ୍ୱର କ୍ରମରେ ରହିଅଛି, ଯାହା ସାମଗାନର ଲକ୍ଷଣ ଅଟେ ।

ଉପରୋକ୍ତ ସମସ୍ତ, ସାମଗାନର ସ୍ୱରମଣ୍ଡଳ ଅଟେ । ଉଦ୍ଗାତା ଏହି ସ୍ୱରରେ ସାମଗାନ କରିଥାଆନ୍ତି ।

ସାମଗାନରେ **୬ ପ୍ରକାରର ସାମବିକାର** ହୋଇଥାଏ, ସେମାନେ ହେଲେ -

**ବିକାର, ବିଶ୍ଳେଷଣ, ବିକର୍ଷଣ, ଅଭ୍ୟାସ, ବିରାମ** ଓ **ସ୍ତୋଭ** ।

୧. **ବିକାର** - "ଅଗ୍ନେ" ରୁ "ଓଗ୍ନାୟି" ହୋଇଥାଏ ।

୨. **ବିଶ୍ଳେଷଣ** - "ବୀତୟେ" ରୁ "ବୋୟି ତୋୟା୨ଧି" ହୋଇଥାଏ ।

୩. **ବିକର୍ଷଣ** - "ୟେ" ରୁ "ୟା୨୩ୟି" ହୋଇଥାଏ ।

୪. **ଅଭ୍ୟାସ** - ବାରମ୍ବାର କହିବା ବା ଗାଇବା, ଯେପରି "ତୋୟା୨ୟି । ତୋୟା୨ୟି" ଅଟନ୍ତି ।

୫. **ବିରାମ** - ଯେଉଁଭଳି "ଗୃଣାନୋ ହବ୍ୟଦାତୟେ" କୁ "ଗୃଣାନୋହ । ବ୍ୟଦାତୟେ" ଗାଇବା, ଯଦିଚ ମୂଳମନ୍ତ୍ରରେ "ଗୃଣାନୋହ । ବ୍ୟଦାତୟେ" ଏହିଭଳି ରୂପ ନାହିଁ, କିନ୍ତୁ ଗାନର ସୌକିର୍ୟ୍ୟ ପାଇଁ ମଧ୍ୟରେ ଏହାକୁ ଭାଙ୍ଗିଦିଆଯାଏ, ଏହାକୁ ବିରାମ କୁହନ୍ତି ।

୬. **ସ୍ତୋଭ** - ଋଚାରେ ନ'ଥିବା ଅକ୍ଷରକୁ ଗାଇବା, ଯେପରି - "ଓ ହୋଵା । ହାଉ" ଇତ୍ୟାଦି ।

ସାମବେଦ ନିସନ୍ଦେହ ଗାନରୂପ ଅଟନ୍ତି, କିନ୍ତୁ ସାମବେଦ ଯାହା ଆଜି ପୁସ୍ତକରୂପରେ ଉପଲବ୍ଧ, ତାହା କେବଳ ଋଚାମାନଙ୍କର ସଂଗ୍ରହ ମାତ୍ର । ଏଥିରେ ଗୋଟିଏ ବି ସାମଗାନ ନାହିଁ । ଯେଉଁ ମନ୍ତ୍ରମାନଙ୍କୁ ଆଧାରକରି ସାମଗାନ ହୋଇଥାଏ, ସେମାନେ "**ଯୋନିମନ୍ତ୍ର**" ଅଟନ୍ତି । ଅର୍ଥାତ୍ ସାମବେଦର ଏହି ମନ୍ତ୍ରମାନଙ୍କୁ ଗାଆନ୍ତି ନାହିଁ, ପରନ୍ତୁ ଏହାଙ୍କୁ ଆଧାରକରି ତିଆରି କରାଯାଇଥିବା 'ସାମଗାନ'ମାନଙ୍କୁ ଗାଆନ୍ତି । ଋଷିମାନେ ଏହି 'ଯୋନିମନ୍ତ୍ର'ମାନଙ୍କୁ ଆଧାରକରି ହଜାର ହଜାର ଗାନ ତିଆରି କରିଛନ୍ତି, ଯାହା ଆଜି "**ସାମଗାନ**" ନାମରେ ପରିଚିତ ।

ସାମବେଦରେ ୧୮୭୫ଟି ମନ୍ତ୍ର ଅଛନ୍ତି, ଏହି ମନ୍ତ୍ରମାନଙ୍କୁ ଆଧାରକରି ପାଖାପାଖି ୪୦୦୦ ସାମଗାନ ତିଆରି ହୋଇଅଛି । ଏହା ସାମବେଦର "**କୌଥୁମ ଶାଖା**" ଯାହାଉପରେ ୪୦୦୦ ସାମଗାନ ତିଆରି ହୋଇଛି । ସେହିପରି ସାମବେଦର "**ରାଣାୟଣ ଶାଖା**" ଯାହାଙ୍କୁ ଆଧାରକରି ୪୦୦୦ ସାମଗାନ ପୃଥକ୍

Not For Commercial Use

ତିଆରି ହୋଇଛି | ସେହିଭଳି ସାମବେଦର ଅନେକ ଶାଖା ଅଛିନ୍ତି, ଓ ତାହାଙ୍କୁ ଆଧାରକରି ଅନେକ ଅନେକ ସାମଗାନ ତିଆରି କରାଯାଇଛି | ଏହି ସାମଗାନ ଯେଉଁ ଋଷିମାନେ ତିଆରି କରିଛନ୍ତି, ସେହି ଗାନସମୂହ ତାଙ୍କ ନାମରେ ଆଜି ମଧ୍ୟ ପ୍ରସିଦ୍ଧ ଅଟନ୍ତି | ଯେପରିକି - "**ଗୋତମସ୍ୟ ପର୍କଂ**", "**କଶ୍ୟପସ୍ୟ ବାର୍ହିଷଂ**" ଇତ୍ୟାଦି | ଏହି ସମସ୍ତ ସାମଗାନ "**ଗ୍ରାମଗାନ, ଆରଣ୍ୟଗାନ, ଉହଗାନ, ଉହ୍ୟଗାନ**" ଆଦି ନାମରେ ପ୍ରସିଦ୍ଧ ଅଟନ୍ତି |

ସାମବେଦର ମନ୍ତ୍ରସମୂହ ଅଧିକାଶଂ ଋକ୍-ବେଦରୁ ଗୃହୀତ, ଯହାଙ୍କୁ ଆଧାରକରି ସାମଗାନ ଗାଆନ୍ତି | ମୋଟାମୋଟି ଏହା କହିହେବ ଯେ - ଯେଉଁ ମନ୍ତ୍ର ପାଦବଦ୍ଧ ଅଟନ୍ତି, ସେମାନଙ୍କୁ ଆଧାରକରି ସାମଗାନ ତିଆରିକରିବା ସମ୍ଭବ ଅଟେ ଓ ଏହାକୁ ମଧ୍ୟ ଗାଇବା ସମ୍ଭବ ଅଟେ |

## ମନ୍ତ୍ର ଓ ସାମଗାନ

ଋକ୍-ବେଦରୁ ଯେଉଁ ମନ୍ତ୍ର ସାମବେଦରେ ଆସିଅଛି, ତାହା ଉପରେ କେମିତି ସାମଗାନ ତିଆରି କରାଯାଇଛି, ତାହାର ଏକ ଉଦାହରଣ ନିମ୍ନରେ ଦିଆଯାଇଛି |

**ଋକ୍-ବେଦ ମନ୍ତ୍ର** -

ଅଗ୍ନ ଆୟାହି ବୀତୟେ ଗୃଣାନୋ ହବ୍ୟଦାତୟେ |
ନି ହୋତା ସତ୍ସି ବର୍ହିଷି || (ଋ.ବେ - ୬|୧୬|୧୦)

**ସାମବେଦର ମନ୍ତ୍ର (ସାମୟୋନିଃ)** -

ଅଗ୍ନ ଆ ୟାହି ବୀତୟେ ଗୃଣାନୋ ହବ୍ୟଦାତୟେ |
ନି ହୋତା ସତ୍ସି ବର୍ହିଷି || (ସା.ବେ - ୧|୧|୧|୦୧|୦୧)

**ଏହି ମନ୍ତ୍ରର ସାମଗାନ** -

**(୧) - ଗୋତମସ୍ୟ ପର୍କମ୍** -

ଓଗ୍ନାଇ | ଆୟାହୀ୩ | ବୋଇତୋୟା୨ଇ | ତୋୟା୨ଇ | ଗୃଣାନା ହ | ବ୍ୟଦାତୋୟା୨ଇ |
ତୋ ୟା୨ଇ | ନାଇ ହୋତାସା୨୩ | ତ୍ସା୨ଇ | ବା୨୩୪ ଔହୋ ବା | ହୀ୨୩୪ଷୀ ||୧||

Not For Commercial Use

**(୨) କଶ୍ୟପସ୍ୟ ବାର୍ହିଷମ୍ -**

ଅଗ୍ନ ଆୟାହି ବୀ | ତୟା୩ | ଗୃଣାନୋହବ୍ୟଦାତାଽ୨୩ୟାଇ |
ନି ହୋତା ସତ୍ସି ବର୍ହାଽ୨୩ଇଷୀ | ବର୍ହାଽ୨ଇଷାଽ୨୩୪ ଔ ହୋବା | ବର୍ହୀଽ୩ଷୀଽ୨୩୪୫ ||୨||

ଉପରୋକ୍ତ ଉଦାହରଣରେ ପ୍ରଥମ ମନ୍ତ୍ରଟି ଋକ୍-ବେଦ ମନ୍ତ୍ର | ୨ୟଟି ସେହି ମନ୍ତ୍ର ସାମବେଦରେ କେମିତି ଅଛି, ଯାହାଙ୍କୁ ସାମଯୋନି ମଧ୍ୟ କୁହାଯାଏ, କାରଣ ଏହାକୁ ଆଧାରକରି ସାମଗାନ ତିଆରି କରାଯାଏ | ୩ୟ ମନ୍ତ୍ରଟି ଗୋତମସ୍ୟ ପର୍କଂ (ଗୋତମ ଋଷି ତିଆରି କରିଥିବା ସାମଗାନ) | ୪ର୍ଥ ମନ୍ତ୍ରଟି କଶ୍ୟପସ୍ୟ ବାର୍ହିଷଂ (କଶ୍ୟପ ଋଷି ତିଆରି କରିଥିବା ସାମଗାନ, ସେହି ଋକ୍-ବେଦ ମନ୍ତ୍ରର) |

## ସାମବେଦରେ ସ୍ୱରର ସଂକେତ

ଋକ୍-ବେଦ, ଯଜୁର୍ବେଦ ଓ ଅଥର୍ବବେଦରେ ସ୍ୱରମାନଙ୍କର ସଂକେତ ବା ଚିହ୍ନ (',_) ଦିଆଯାଇଥାଏ | ସେମାନଙ୍କର ଉଦାତ୍ତ ସ୍ୱରର ସଂକେତ ଅକ୍ଷର ଉପରେ ଏକ ଲମ୍ବାଗାର ଥାଏ ('), ଅନୁଦାତ୍ତ ସ୍ୱରର ସଂକେତ ଅକ୍ଷର ତଳେ ଏକ ଲମ୍ବାଗାର ଥାଏ (_), ତଥା ସ୍ୱରିତ ସ୍ୱରର କୌଣସି ସଂକେତ ନ ଥାଏ | କିନ୍ତୁ ସାମବେଦରେ ଏହି ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱରମାନଙ୍କର ସଂକେତ ସଂଖ୍ୟାଦ୍ୱରା ଅକ୍ଷର ଉପରିଭାଗରେ ଚିହ୍ନିତ କରାଯାଇଥାଏ ( अग्न आ याहि वीतये ) | କିନ୍ତୁ ମନ୍ତ୍ରମାନଙ୍କ ମଧ୍ୟରେ ସଂଖ୍ୟା ଉଚ୍ଚାରଣର ମାତ୍ରାକୁ (ଉଚ୍ଚାରଣର ସମୟ) ଦର୍ଶାଇଥାଏ - ଉଦାହରଣ ସ୍ୱରୂପ - ହର୍ସ୍ୱ-ସ୍ୱରବର୍ଣ୍ଣ ୧ ମାତ୍ରା, ଦୀର୍ଘ-ସ୍ୱରବର୍ଣ୍ଣ ୨ ମାତ୍ରା, ପ୍ଲୁତ ୩ମାତ୍ରା, ଇତ୍ୟାଦି (ପ୍ରତ୍ୟକ ମାତ୍ରା ପ୍ରାୟ ୦.୪ ସେକେଣ୍ଡ୍) |

ଉଦାତ୍ତ - ୧
ସ୍ୱରିତ - ୨
ଅନୁଦାତ୍ତ - ୩

ଏଥି ସହିତ ଅନ୍ୟ ସାଂକେତିକ ଚିହ୍ନମାନଙ୍କର ଉଚ୍ଚାରଣ ମଧ୍ୟ କରାଯାଇଥାଏ, ଯଥା - ପ୍ରଚୟ୍, ସ୍ନତ୍ତର, ଅନୁନାଷିକ ଆଦି ଅନେକ | ଏ ସମସ୍ତ ସାଂକେତିକ ଚିହ୍ନମାନଙ୍କୁ ଲେଖି ବୁଝାଇବା ସମ୍ଭବ ନୁହେଁ କାରଣ ଏହା ଅଭ୍ୟାସର ବିଷୟ, ଏଥିପାଇଁ ଗୁରୁଙ୍କର ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ |

Not For Commercial Use

# ସାମବେଦରେ ମନ୍ତ୍ର ସଂଖ୍ୟାର ବିବରଣୀ

| ଭାଗ | ଅଧ୍ୟାୟ | ମନ୍ତ୍ରସଂଖ୍ୟା | ବିଷୟ | ସାମଗାନ |
|---|---|---|---|---|
| ପୂର୍ବାର୍ଚିକ | ୧ | ୧୧୪ | ଆଗ୍ନେୟ ପର୍ବ | ଗ୍ରାମଗାନ |
| | ୨ | ୧୧୮ | ଐନ୍ଦ୍ର ପର୍ବ | |
| | ୩ | ୧୧୯ | | |
| | ୪ | ୧୧୫ | | |
| | ୫ | ୧୧୯ | ପବମାନ ପର୍ବ | |
| | ୬ | ୬୫ | ଆରଣ୍ୟକ ପର୍ବ | ଅରଣ୍ୟଗାନ |
| | **ସମୁଦାୟ** | **୬୫୦** | | |
| ଉତ୍ତରାର୍ଚିକ | ୧ | ୬୨ | ଯଜମାନ ସମ୍ବୋଧନ, ସୋମସ୍ତୁତି, ଅଗ୍ନିସ୍ତୁତି, ଇନ୍ଦ୍ରସ୍ତୁତି, ଅନ୍ୟାନ୍ୟ | |
| | ୨ | ୬୨ | | |
| | ୩ | ୫୫ | | |
| | ୪ | ୫୬ | | |
| | ୫ | ୬୯ | | |
| | ୬ | ୭୬ | | |
| | ୭ | ୮୫ | | |
| | ୮ | ୫୯ | | |
| | ୯ | ୭୮ | | |
| | ୧୦ | ୯୪ | | |
| | ୧୧ | ୩୨ | | |
| | ୧୨ | ୫୬ | | |
| | ୧୩ | ୫୪ | | |
| | ୧୪ | ୪୬ | | |
| | ୧୫ | ୩୮ | | |
| | ୧୬ | ୪୪ | | |
| | ୧୭ | ୪୦ | | |
| | ୧୮ | ୫୪ | | |
| | ୧୯ | ୫୪ | | |
| | ୨୦ | ୮୪ | | |
| | ୨୧ | ୨୭ | | |
| | **ସମୁଦାୟ** | **୧୨୨୫** | | |
| | **ସାମବେଦସମୁଦାୟ** | **୧୭୮୫** | | |

Not For Commercial Use

## ସାମବେଦ ମନ୍ତ୍ରସଂଖ୍ୟା

(କୌଥୁମ ଶାଖା)

| | |
|---|---|
| ପୂର୍ବାର୍ଚିକ | ୫୮୫ |
| ଆରଣ୍ୟକ | ୫୯ |
| ଉତ୍ତରର୍ଚିକ | ୧୨୨୫ |
| ମହାନାମ୍ନି | ୬ |
| **ସମୁଦାୟ** | **୧୮୭୫** |

ଏହି ମନ୍ତ୍ରମାନଙ୍କୁ ଆଧାରକରି କେତୋଟି ସାମଗାନ ତିଆରି ହୋଇଛି - ତାହା ନିମ୍ନ ପ୍ରକାରର -

**କୌଥୁମ ଶାଖା**

| | |
|---|---|
| ଗ୍ରାମଗେୟଗାନ | ୧୧୯୭ |
| ଆରଣ୍ୟଗେୟଗାନ | ୨୯୪ |
| ଉହଗାନ | ୧୦୨୬ |
| ଉହ୍ୟଗାନ | ୨୦୫ |
| **ସମୁଦାୟ** | **୨୭୨୨** |

## ସାଂକେତିକ ଶବ୍ଦାବଳି

ଅ.ବେ – ଅଥର୍ବବେଦ

ଋ.ବେ - ଋକ୍-ବେଦ

ସା.ବେ – ସାମବେଦ

ଯ.ବେ – ଯଜୁର୍ବେଦ

ଛା.ଉ - ଛାନ୍ଦୋଗ୍ୟ ଉପନିଷଦ

ଗୀ - ଶ୍ରୀମଦ୍ ଭଗବଦ୍ ଗୀତା

ମହା - ମହାଭାରତ

ମ.ଭା - ମହାଭାରତ

ନା.ଶି - ନାରଦୀୟ ଶିକ୍ଷା

ଜୈ.ସୂ - ଜୈମିନୀୟ ସୂତ୍ର

ବୃ.ଉ - ବୃହଦାରଣ୍ୟକ ଉପନିଷଦ

ଐ.ବା - ଐତରେୟ ବ୍ରାହ୍ମଣ

Not For Commercial Use

ୟଦକ୍ଷରପଦଭ୍ରଷ୍ଟଂ ମାତ୍ରାହିନଂ ତୁ ୟଦ୍-ଭବେତ୍ ।
ତତ୍-ସର୍ବ କ୍ଷମତାଂ ଦେବ ନରାୟଣ ନମୋଽସ୍ତୁତେ ।।
ବିସର୍ଗବିନ୍ଦୁମାତ୍ରାଣି ପଦପାଦାକ୍ଷରାଣି ଚ ।
ନ୍ୟୁନାନି ଚାତିରିକ୍ତାନି କ୍ଷମସ୍ୱ ପୁରୁଷୋତ୍ତମ ।।

ଓମ୍ ତତ୍ ସତ୍ । ସର୍ବମ୍ ଶ୍ରୀ କୃଷ୍ଣାର୍ପଣାମସ୍ତୁ ।
ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

| | |
|---|---|
| Sources<br>ସୂତ୍ର | • www.archive.org<br>• www.vedicheritage.gov.in<br>• www.academia.edu<br>• IISH Global (Indian Institute of Scientific Heritage)<br>• www.sanskritweb.net/samveda/<br>• Vedanta Spiritual Library – www.celextel.org<br>• www.wikipedia.org |
| Send Corrections to<br>ଭୁଲ ସୁଧାର ପାଇଁ ଯୋଗାଯୋଗ | prakash@scholarshoppe.com |
| Site access<br>ୱେବ ସାଇଟ୍ | www.scholarshoppe.com/veda-odia/ |

**ଏହି 'ପୁସ୍ତକ' ଟି ବୈଦିକ ସାହିତ୍ୟର ପ୍ରଥମ ଓଡିଆ ଡିଜିଟାଲ୍ ରୂପାନ୍ତର ଅଟେ ।**

Not For Commercial Use

# ସାମବେଦ - ଏକ ସଂକ୍ଷିପ୍ତ ପରିଚୟ


"ବେଦବ୍ୟାସ", '**ବେଦତ୍ରୟୀ**' (ଋକ୍, ଯଜୁସ୍, ସାମ୍) ମାନଙ୍କୁ ସାହିତ୍ୟିକ ପଦ୍ଧତିର ଶୈଳୀରେ (ପଦ୍ୟ, ଗଦ୍ୟ, ସଂଗୀତ) ବିଭାଜନ କରିଥିଲେ । ପଦ୍ୟରେ ଋକ୍ ଓ ଅଥର୍ବ ବେଦକୁ, ଗଦ୍ୟରେ ଯଜୁର୍ବେଦକୁ, ତଥା, ସଂଗୀତରେ ସାମବେଦକୁ ବିଭାଜନ କରିଥିଲେ । ତେଣୁ ସଂଗୀତ ସ୍ୱରୂପରେ ରଚିତ ବେଦକୁ "**ସାମବେଦ**" କୁହାଯାଏ । ସେ, ଏହି ୪ଟି ବେଦ ତାଙ୍କର ୪ଜଣ ମୁଖ୍ୟ ଶିଷ୍ୟଙ୍କୁ ଶିକ୍ଷାଦାନ କରିଥିଲେ, ସେମାନଙ୍କ ମଧ୍ୟରୁ "**ଜୈମିନି**"ଙ୍କୁ 'ସାମବେଦ' ଶିକ୍ଷାଦାନ କରିଥିଲେ । 'ଜୈମିନି'ଙ୍କ ଠାରୁ 'ସାମବେଦ'ର ପରମ୍ପରା ଆରମ୍ଭ ହୋଇଥିଲା । ପରସମୟରେ, 'ଜୈମିନି' ତାଙ୍କର ପୁତ୍ର 'ସୁମନ୍ତୁ'ଙ୍କୁ; 'ସୁମନ୍ତୁ' ତାଙ୍କ ପୁତ୍ର 'ସୁନ୍ୱାନ'ଙ୍କୁ; ଓ 'ସୁନ୍ୱାନ' ତାଙ୍କ ପୁତ୍ର 'ସୁକର୍ମା'ଙ୍କୁ "ସାମବେଦ"ର ଶିକ୍ଷା ଦେଇଥିଲେ । ପରସମୟରେ 'ସୁକର୍ମା' "ସାମବେଦ"ର ପ୍ରଚାର କରିଆସିଥିଲେ । ଏହିପରି "ସାମବେଦ"ର ଅଧ୍ୟୟନ ଓ ଅଧ୍ୟାପନା ପରମ୍ପରା ଚାଲିଆସୁଅଛି ।

"ସାମବେଦ"ରେ ସମୁଦାୟ **୧୮୭୫** ମନ୍ତ୍ର ଅଛି ଓ ସେଥିମଧ୍ୟରୁ ୯୫ଭାଗ ମନ୍ତ୍ର 'ଋକ୍-ବେଦ'ରୁ ଋଣ ରୂପରେ ନିଆଯାଇଛି ଓ କେବଳ ୭୫ଟି ନୂତନ ମନ୍ତ୍ର 'ସାମବେଦ'ର । ତେଣୁ ଏବେ ମନରେ ପ୍ରଶ୍ନ ଉଠିପାରେ, ଯେହେତୁ "ସାମବେଦ"ର ୯୫ଭାଗ ମନ୍ତ୍ର "ଋକ୍-ବେଦ"ରୁ ନିଆଯାଇଛି, ତା'ହେଲେ ଏହାକୁ "ସାମବେଦ" କାହିଁକି କୁହାଯାଉଛି ? ଏହାର ଉତ୍ତର ହେଉଛି, ଏହାର 'ପଦପାଠ' ଶୈଳୀ, ସ୍ୱର ଓ 'ଛନ୍ଦ' ଭିନ୍ନ, ତଥା ବେଳେ ବେଳେ "ଋକ୍-ବେଦ"ର ଅଂଶିକ ମନ୍ତ୍ର ମଧ୍ୟ ନିଆଯାଇଛି । "ଋକ୍-ବେଦ"ରେ ୩ଟି ସ୍ୱର ବ୍ୟବହୃତ ହେଉଥିବା ବେଳେ "ସାମବେଦ"ରେ **୭ଟି ସ୍ୱର** ବ୍ୟବହୃତ ହୋଇଥାଏ । ତେଣୁ "ସାମବେଦ", "ଋକ୍-ବେଦ" ଠାରୁ ଭିନ୍ନ । "ସାମବେଦ"କୁ ସଂଗୀତ ବା ଗାନ ଆକାରରେ ରଚନା କରାଯାଇଛି । ଏହାର ଶ୍ରୁତି ମଧୁର ଅଟେ । "ସାମବେଦ" ୪ଟି ବେଦ ମଧ୍ୟରୁ ସବୁଠୁ କଷ୍ଟ ଓ ସ୍ୱତନ୍ତ୍ର ଅଟେ । ଏହାର ମହତ୍ୱ "**ଶ୍ରୀକୃଷ୍ଣ**", "ଭାଗବତ ଗୀତା"ରେ ମଧ୍ୟ କହିଛନ୍ତି, "**ବେଦାନାଂ ସାମବେଦୋଽସ୍ମି**", ଅର୍ଥାତ ବେଦମାନଙ୍କ ମଧ୍ୟରେ ମୁଁ "ସାମବେଦ" । "ସାମବେଦ"ରୁ ଭାରତୀୟ **ସଂଗୀତ**, **କଳା**, **ଛନ୍ଦ** ଓ **ତାଳ** ଇତ୍ୟାଦି ସୃଷ୍ଟି । ଉପବେଦ '**ଗନ୍ଧର୍ବବେଦ**', "ସାମବେଦ"କୁ ଆଧାର କରି ତିଆରି କାରାଯାଇଛି ।

Not For Commercial Use

## ସାମବେଦ ସଂଗଠନ

'ସାମବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା - **ଆର୍ଚିକ** ଓ **ଗାନ** । ପୁନଃ 'ଆର୍ଚିକ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ପୂର୍ବାର୍ଚିକ**" ଓ "**ଉତ୍ତରାର୍ଚିକ**", ସେହିପରି 'ଗାନ'କୁ ୪ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ଗ୍ରାମଗେୟ**", "**ଆରଣ୍ୟକ ଗାନ**", "**ଉହଗାନ**" ଓ "**ଉହ୍ୟଗାନ**" ।




- **ଆର୍ଚିକ** - "ଋଚା" ବା "ମନ୍ତ୍ର"ମାନଙ୍କର ସମୁହ, ଯେଉଁ ମନ୍ତ୍ରସମୁହ ବିଭିନ୍ନ ପର୍ବରେ ପାଠ କରାଯାଏ, ବା ପ୍ରୟୋଗ କରାଯାଏ ।
- **ପୂର୍ବାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ ଯଜ୍ଞ ସମୟରେ ପାଠ କରାଯାଏ, ତାହାକୁ "ପୂର୍ବାର୍ଚିକ" କୁହାଯାଏ । ଏହାର ବିଷୟବସ୍ତୁ "ଆଗ୍ନେୟ ପର୍ବ", ଐନ୍ଦ୍ର ପର୍ବ", "ପବମାନ ପର୍ବ" ଓ "ଆରଣ୍ୟକ ପର୍ବ" ଅଟନ୍ତି । ଏଥିରେ ମନ୍ତ୍ରସମୁହ 'ଛନ୍ଦ' ଓ 'ଦେବତା' ଅନୁସାରେ ସଂଗଠିତ ରହିଥାଏ ।
- **ଉତ୍ତରାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ "ମୁଖ୍ୟ ଯଜ୍ଞ" ସମୟରେ ପାଠ କରାଯାଏ, କିନ୍ତୁ ଏହା 'ପୂର୍ବାର୍ଚିକ' ସହିତ ସମ୍ପୂର୍ଣ୍ଣ ହୋଇଥାଏ । ଏଥିରେ ମନ୍ତ୍ରସମୁହ 'ମୁଖ୍ୟ ଯଜ୍ଞ'ର କ୍ରମ ଅନୁସାରେ ସଂଗଠିତ ରହିଥାଏ ।
- **ଗାନ** - ପୂର୍ବାର୍ଚିକ ଓ ଉତ୍ତରାର୍ଚିକ ମନ୍ତ୍ର ବା ଋଚା ସମୁହ ସଂଗୀତ ରୂପରେ ଗାଇବାକୁ "ଗାନ" ବା "**ସାମଗାନ**" କୁହନ୍ତି ।
- **ଗ୍ରାମଗେୟ** - ଯେଉଁ ସ୍ତୁତିଗାନ ଜନସମୁହରେ ବା ଗ୍ରାମରେ ପାଠ କରାଯାଏ, ତଥା ଆଗ୍ନେୟ, ଐନ୍ଦ୍ର, ଓ ପବମାନ ପର୍ବରେ, ଅଗ୍ନି, ଇନ୍ଦ୍ର, ଓ ସୋମଙ୍କ ସ୍ତୁତିଗାନ କରାଯାଏ, ତାହାକୁ "ଗ୍ରାମଗେୟ" କୁହନ୍ତି ।

Not For Commercial Use

- **ଆରଣ୍ୟକ ଗାନ** - ଯେଉଁ ସ୍ତୁତିଗାନ ଜଙ୍ଗଲ ବା ଅରଣ୍ୟରେ ପାଠ କରାଯାଏ, ତଥା ଅକ୍ର, ଦୁନ୍ଦୁ, ଶୁକ୍ରିୟ ଓ ମହାନାମ୍ନି ନାମକ ପର୍ବରେ ଯେଉଁ ସ୍ତୁତିଗାନ କରାଯାଏ, ତାହାକୁ "ଆରଣ୍ୟକ ଗାନ" ବା "ଅରଣ୍ୟଗେୟ" କୁହନ୍ତି ।
- **ଊହଗାନ** - ଯେଉଁ ମନ୍ତ୍ର ବା ଋଚା କୌଣସି ଶବ୍ଦ ନ କରି ଗାନ କରାଯାଏ, ତାହାକୁ "ଊହଗାନ" କୁହନ୍ତି ଓ ଏହା 'ଗ୍ରାମ୍ୟଗେୟ'ର ଅଂଶ ଅଟେ ।
- **ଊହ୍ୟଗାନ** - ଯେଉଁ ମନ୍ତ୍ର ବା ଋଚା ମନରେ ଗାନ କରାଯାଏ, ତାହାକୁ "ଊହ୍ୟଗାନ" କୁହନ୍ତି ଓ ଏହା 'ଅରଣ୍ୟଗାନ'ର ଅଂଶ ଅଟେ ।

ଅନ୍ୟ ବେଦମାନଙ୍କ ପରି, "ସାମବେଦ"ର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦସମୁହ ରହିଅଛି ।

## ସାମବେଦ ଶାଖା

ପତଞ୍ଜଳିଙ୍କ ମହାଭାଷ୍ୟ ଓ ପୁରାଣ ଅନୁସାରେ "ସାମବେଦ"ରେ ୧୦୦୦ଟି ଶାଖା ଥିଲା ବୋଲି କୁହାଯାଇଛି । '**ସାମତର୍ପଣ**' ଅବସର ସମୟରେ 'ସାମଗାନ' କରୁଥିବା ଆଚାର୍ଯ୍ୟମାନଙ୍କର ନାମ ଉଲ୍ଲେଖ ଅଛି, ସେମାନେ ହେଲେ, ରଣାୟନ, ସାତ୍ୟମୁଗ୍ରି-ବ୍ୟାସ, ଭାଗୁରି-ଔଲୁଣ୍ଡି, ଗୌଲମୁଲବି, ଭାନୁନାମ, ଔପମନ୍ୟବ, ଦାରାଳ, ଗାର୍ଗ୍ୟ, ସାବର୍ଣ୍ଣି, ବାର୍ଷଗଣି, କୁଥୁମି, ଶାଲିହୋତ୍ର, ଓ ଜୈମିନି । ସେମାନଙ୍କ ନାମରେ “ସାମବେଦ ଶାଖା” ଗୁଡିକ ଥିଲା । ସେମାନଙ୍କ ମଧ୍ୟରୁ ରଣାୟନ, କୁଥୁମି ଓ ଜୈମିନି ଆଚାର୍ଯ୍ୟଙ୍କ ନାମରେ ପ୍ରସିଦ୍ଧ **ରଣାୟନୀୟ, ଜୈମିନୀୟ** ଓ **କୌଥୁମୀୟ** ବା କୌଥୁମ ଶଖା ଉପଲବ୍ଧ ଅଛି । ତେଣୁ କେବଳ **୩ଟି ଶାଖାର ଉଦ୍ଧାର** ହୋଇପାରିଛି ଓ ବାକି ୯୯୭ଟି ଶାଖା ସଂପୂର୍ଣ୍ଣରୂପେ ବିଲୁପ୍ତ ହୋଇଯାଇଛି ।

ଏହି ଶାଖା ମାନଙ୍କ ମଧ୍ୟରୁ "**ରାଣାୟଣୀୟ ଶାଖା**", ମହାରାଷ୍ଟ୍ର, କର୍ଣ୍ଣାଟକ, ତଥା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର କିଛି ସ୍ଥାନ ମାନଙ୍କରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**କୌଥୁମ ଶାଖା**", ଗୁଜୁରାଟ, ଉତ୍ତରପ୍ରଦେଶ, ଓ ଓଡ଼ିଶା, ତଥା ବିହାରର କିଛି ସ୍ଥାନ ମାନଙ୍କରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**ଜୈମିନୀୟ ଶାଖା**", କେରଳ ଓ ତାମିଲନାଡୁରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଛି ।

Not For Commercial Use

"ସାମବେଦ"ର ଶାଖାମାନଙ୍କ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ ମନ୍ତ୍ର ବା ଋଚା ବା ଅଧ୍ୟାୟ ବା ଖଣ୍ଡ ମାନଙ୍କର ପ୍ରବନ୍ଧନ କ୍ରମରେ ଅନ୍ତର ଅଟେ । ସେମାନଙ୍କ ମଧ୍ୟରେ 'ପାଠଭେଦ'ର ଅନ୍ତର ମଧ୍ୟ ମିଳେ । ଏହି ଉଦ୍ଧାରିତ ୩ଟି 'ସାମବେଦ ଶାଖା'ମାନଙ୍କର ମନ୍ତ୍ର ସଂଖ୍ୟା ଅଲଗା ଅଲଗା ଅଟେ । ବେଳେ ବେଳେ ଶଖାରେ ମନ୍ତ୍ରମାନଙ୍କର ବାରମ୍ବାର ବ୍ୟବହୃତ ହେତୁ, ସମୁଦାୟ ମନ୍ତ୍ର ସଂଖ୍ୟାର ପ୍ରଭେଦ ଦେଖାଯାଇଥାଏ । ତେଣୁ "ସାମବେଦ"ର ମନ୍ତ୍ର ସଂଖ୍ୟା ପ୍ରାୟ ୧୮୭୫ । ଏହି ମନ୍ତ୍ରମାନଙ୍କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, **ପୂର୍ବାର୍ଚ୍ଚିକ** ଓ **ଉତ୍ତରାର୍ଚ୍ଚିକ** ।

"ସାମବେଦ"ର **ବିଷୟବସ୍ତୁ**, ଅଧ୍ୟାୟ, ମନ୍ତ୍ର ସଂଖ୍ୟା, ଇତ୍ୟାଦି ତଳେ ଟେବୁଲରେ ଦିଆଯାଇଛି।

| ଭାଗ | ଅଧ୍ୟାୟ | ବିଷୟ | ମନ୍ତ୍ର ସଂଖ୍ୟା | ସାମଗାନ |
|---|---|---|---|---|
| ପୂର୍ବାର୍ଚ୍ଚିକ | ୧ମ | ଆଗ୍ନେୟ ପର୍ବ | ୬୪୦ | ଗ୍ରାମ ଗାନ |
| | ୨ୟ, ୩ୟ, ୪ର୍ଥ | ଐନ୍ଦ୍ର ପର୍ବ | | |
| | ୫ମ | ପବମାନ ପର୍ବ | | |
| | ୬ମ | ଆରଣ୍ୟକ ପର୍ବ | | ଅରଣ୍ୟ ଗାନ |
| ଉତ୍ତରାର୍ଚ୍ଚିକ | ୨୧ଟି | ଯଜମାନ ସମ୍ବୋଧନ, ସୋମ ସ୍ତୁତି, ଅଗ୍ନି ସ୍ତୁତି, ଇନ୍ଦ୍ର ସ୍ତୁତି | ୧୨୨୫ | |

## ସାମବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

"ସାମବେଦ"ରେ ଅନେକ ବ୍ରାହ୍ମଣ ଅଛି, କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରାୟ ୧୩-୧୫ଟି ବ୍ରାହ୍ମଣ ଉପଲବ୍ଧ ଅଛି । ଏହି ଉପଲବ୍ଧ ବ୍ରାହ୍ମଣମାନଙ୍କ ମଧ୍ୟରୁ ୧୦ଟି ବ୍ରାହ୍ମଣ ପ୍ରସିଦ୍ଧ ଓ ପ୍ରଚଳିତ । ସେମାନେ ହେଲେ, ତାଣ୍ଡ୍ୟ, ଷଡ଼ବିଂଶ, ସାମବିଧାନ, ଆର୍ଷେୟ, ଦେବତାଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ ଓ ଜୈମିନୀୟୋପନିଷଦ । ଏମାନଙ୍କ ମଧ୍ୟରୁ **'ତାଣ୍ଡ୍ୟ ବ୍ରାହ୍ମଣ'** ସବୁଠୁ ବଡ଼ । ଏହି ବ୍ରାହ୍ମଣ ସମୂହ ବିଶେଷତଃ **'ଔଦଗ୍ରାତ କର୍ମ'**ର ପ୍ରତିପାଦନ କରିଥାଏ । ପ୍ରମୂଖତଃ, ଯଜ୍ଞର ସ୍ତୋତ୍ର ସମୁହକୁ ଗାନ କରିବା, 'ଔଦଗ୍ରାତ କର୍ମ' ଅଟେ । ଏହା କୁହାଯାଏ ଯେ, ଏହି ସାମଗାନର ଧ୍ୱନିରେ ଦେବତାମାନେ ଯଜ୍ଞଶାଳାରେ ନୃତ୍ୟ କରନ୍ତି ।

Not For Commercial Use

"ସାମବେଦ"ରେ ୨ଟି **ଆରଣ୍ୟକ** ଅଛି, ସେମାନେ ହେଲେ, ଜୈମିନୀୟ-ଉପନିଷଦ ଓ ଛାନ୍ଦୋଗ୍ୟ ।

"ସାମବେଦ"ରେ ୧୬ଟି **ଉପନିଷଦ** ଅଛି । ସେମାନଙ୍କ ମଧ୍ୟରୁ "**ଛାନ୍ଦୋଗ୍ୟୋପନିଷଦ**" ଓ "**କେନ ଉପନିଷଦ**" ମୁଖ୍ୟ ଉପନିଷଦ ଅଟନ୍ତି । 'ଛାନ୍ଦୋଗ୍ୟୋପନିଷଦ', ୮ ପ୍ରପାଠକ ବିଶିଷ୍ଟ ଗ୍ରନ୍ଥ ଅଟେ, ସେଥିମଧ୍ୟରୁ ପ୍ରଥମ ୫ଟି ପ୍ରପାଠକରେ, "**ଉଦ୍ଗୀଥ** " (ଓଁକାର) ଓ "ସାମଗାନ"ର ସୂକ୍ଷ୍ମ ବିବେଚନ ଉପଲବ୍ଧ ଅଛି, ଓ ଅନ୍ତିମ ୩ଟି ପ୍ରପାଠକରେ, 'ଅଧ୍ୟାତ୍ମବିଦ୍ୟା'ର ବର୍ଣ୍ଣନ ରହିଅଛି । ସେହିପରି "ସାମବେଦ"ର 'କେନ ଉପନିଷଦ'ରେ ମଧ୍ୟ ଦାର୍ଶନିକ ଓ ଦିବ୍ୟଜ୍ଞାନ ବିଷୟରେ ବର୍ଣ୍ଣନ କରାଯାଇଛି । ଏହି ଉପନିଷଦ ଅନୁସାରେ, "ତପ, ଦମ, ଓ କର୍ମ, ସତ୍ୟପ୍ରାପ୍ତିର ମୂଳଦୁଆ ଅଟେ" ।

"ସାମବେଦ"ର **କଳ୍ପସୂତ୍ର**ମାନଙ୍କ ମଧ୍ୟରେ, ୩ଟି "ଶୌତ୍ରସୂତ୍ର", ୪ଟି "ଗୃହ୍ୟସୂତ୍ର" ଓ ଗୋଟିଏ "ବ୍ରହ୍ମସୂତ୍ର" ରହିଅଛି । ଶୌତ୍ରସୂତ୍ରମାନଙ୍କ ମଧ୍ୟରୁ '**ଲାଟ୍ୟାୟନ**' ଓ '**ଦ୍ରାହ୍ୟାୟନ**' ପ୍ରସିଦ୍ଧ ଓ ପ୍ରଚଳିତ, ସେହିପରି ଗୃହ୍ୟସୂତ୍ର ମାନଙ୍କ ମଧ୍ୟରୁ '**ଗୋଭିଲ**' ଓ '**ଖାଦିର**' ପ୍ରସିଦ୍ଧ ଓ ପ୍ରଚଳିତ ।
ସେହିପରି "ସାମବେଦ"ରେ 'ସାମଗାନ'ର ପଦପାଠ ଓ ସ୍ତୋଭଂର ସ୍ୱରୂପ ନିରୂପଣ ୩ଟି "**ପ୍ରାତିଶାଖ୍ୟ**" ଗ୍ରନ୍ଥରୁ ମିଳିଥାଏ । ସେଥି ମଧ୍ୟରୁ '**ନାରଦୀୟ ପ୍ରାତିଶାଖ୍ୟ**" ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ । ଏହି ପ୍ରାତିଶାଖ୍ୟରେ 'ସାମଗାନ'ର ୭ଟି ସ୍ୱର, ୩ଟି ଗ୍ରାମ, ୨୧ଟି ମୂର୍ଚ୍ଛନା, ଓ ୪୯ଟି ତାନ, ବିଷୟରେ ବ୍ୟାଖ୍ୟା କରାଯାଇଛି । ଏହା ଆଧୁନିକ ସଂଗୀତର ମୂଳଦୁଆ ଅଟେ ।

ସେହିପରି "ସାମବେଦ"ର "**ଶିକ୍ଷା**" ଗ୍ରନ୍ଥରୁ 'ସାମଗାନ'ର ବର୍ଣ୍ଣ, ସ୍ୱର, ଛନ୍ଦ, ଓ ସନ୍ଧି ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ । ଏମାନଙ୍କ ମଧ୍ୟରୁ 'ସାମତନ୍ତ୍ର', 'ଅକ୍ଷରତନ୍ତ୍ର', ଓ 'ପୁଷ୍ପତନ୍ତ୍ର' ଶିକ୍ଷାଗ୍ରନ୍ଥ ସମୁହ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

"ସାମବେଦ"ର ସମସ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ଓ ଅନ୍ୟ ଗ୍ରନ୍ଥ ମାନଙ୍କର ତାଲିକା ତଳେ ଦିଆଯାଇଛି ।

Not For Commercial Use

## ସାମବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ସାମବେଦ | କୌଥୁମ, ରାଣାୟନୀୟ, ଜୈମିନୀୟ | କୌଥୁମ, ତାଣ୍ଡ୍ୟ, ଷଡ୍‌ବିଂଶ, ସାମବିଧାନ, ଆର୍ଷେୟ, ଦେବତଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ, ଜୈମିନୀୟୋପନିଷଦ, ଅଦ୍-ଭୁତ, ମନ୍ତ୍ର | ଜୈମିନୀୟ-ଉପନିଷଦ, ଛାନ୍ଦୋଗ୍ୟ | ଛାନ୍ଦୋଗ୍ୟ, କେନ, ବଜ୍ରସୂଚୀ, ମହା, ସାବିତ୍ରୀ, ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା, ବାସୁଦେବ, ଅବ୍ୟକ୍ତ, ରୁଦ୍ରାକ୍ଷଜାବାଲ, ଜବାଲି, ଯୋଗଚୂଡାମଣି, ଦର୍ଶନ |

## ସାମବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| ସାମବେଦ | ଲାଟ୍ୟାୟନ ଶ୍ରୌତସୂତ୍ର, ଦ୍ରାହ୍ୟାୟନ ଶ୍ରୌତସୂତ୍ର, ଜୈମିନୀୟ ଶ୍ରୌତସୂତ୍ର, | | ଗୋଭିଲ ଗୃହ୍ୟସୂତ୍ର, ଖାଦିର ଗୃହ୍ୟସୂତ୍ର, ଜୈମିନୀୟ ଗୃହ୍ୟସୂତ୍ର, କୌଥୁମ ଗୃହ୍ୟସୂତ୍ର, | ଗୌତମ ଧର୍ମସୂତ୍ର, |

## ସାମବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| ସାମ ବେଦ | ଋକ୍ ତନ୍ତ୍ର ପ୍ରାତିଶାଖ୍ୟ<br>ସାମ ତନ୍ତ୍ର ପ୍ରାତିଶାଖ୍ୟ<br>ଅକ୍ଷର ତନ୍ତ୍ର ପ୍ରାତିଶାଖ୍ୟ<br>ପୁଷ୍ପ ତନ୍ତ୍ର ପ୍ରାତିଶାଖ୍ୟ | ନାରଦୀୟ ଶିକ୍ଷା (ମୁଖ୍ୟ), ଲୋମଶୀ ଶିକ୍ଷା, ଗୌତମୀ ଶିକ୍ଷା |

Not For Commercial Use

## ସମବେଦ ପାଣ୍ଡୁଲିପି ଓ ଅନୁବାଦ

"ସାମବେଦ"ର ପାଣ୍ଡୁଲିପି ସମୁହ '**ପୁନେ**'ର ଭଣ୍ଡାରକର ଇନଷ୍ଟିଚ୍ୟୁଟ୍, '**ରାଜସ୍ଥାନ**'ର ଅଲବର'ର ରାଜକୀୟ ଗ୍ରନ୍ଥାଳୟରେ, **ଉତ୍ତରପ୍ରଦେଶ** (IGNCA), ଓ **ଓଡ଼ିଶା** ରାଜ୍ୟ ମ୍ୟୁଜିୟମ୍ ରେ ରହିଅଛି । ଏବେବି ଜୈମିନୀୟ ଶାଖାର କିଛି ଅଂଶ ପ୍ରକାଶ ହୋଇପାରିନାହିଁ । କିଛି ପାଣ୍ଡୁଲିପି କାଶ୍ମିରୀ'ରେ ମିଳିବାର ସୂଚନା ପ୍ରାପ୍ତ ହୋଇଛି ।

"ସାମବେଦ"ର ଅନୁବାଦ ବିଦେଶୀ ଭାଷା ମାନଙ୍କ ମଧ୍ୟରେ, ଜର୍ମାନୀ ଭାଷାରେ ୧୮୪୮ ମସିହାରେ ହୋଇଥିଲା । ରୁଷି ଭାଷାରେ ୧୮୭୫ ମସିହାରେ ହୋଇଥିଲା । ଇଂରାଜୀ ଭାଷାରେ ୧୮୯୩ ମସିହାରେ ହୋଇଥିଲା । ନେପାଳି ଭାଷାରେ ମଧ୍ୟ ଅନୁବାଦ ହୋଇଅଛି । ସେହିପରି ଭାରତୀୟ ଭାଷା ମାନଙ୍କ ମଧ୍ୟରେ, ସଂସ୍କୃତ, ହିନ୍ଦି, ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲାୟଲମ ଭାଷାରେ ସାମବେଦର ଅନୁବାଦ ଉପଲବ୍ଧ ଅଛି ।

**|| ଇତି ସାମବେଦ ||**

Not For Commercial Use

ଉତ୍ତରାର୍ଚ୍ଚିକଃ

# ତୃତୀୟ ଅଧ୍ୟାୟ

Not For Commercial Use

ଓଁ ଶ୍ରୀ ଗଣେଶାୟ ନମଃ

# ସାମବେଦ - କୌଥୁମ ସଂହିତା

## ଉତ୍ତରାର୍ଚିକଃ

## || ଅଥ ତୃତୀୟୋଽଧ୍ୟାୟଃ ||

### [ ଅଥ ଦ୍ୱିତୀୟ ପ୍ରପାଠକଃ । ପ୍ରଥମୋଽର୍ଧଃ ]

==========================================================================

**(୪-୨-୧-୦୧)** [ସୂକ୍ତଃ - ୧] **ଋଷିଃ** - ଜମଦଗ୍ନିର୍ଭାର୍ଗବଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) |
**ଦେବତା** - ପବମାନଃ ସୋମଃ (୧-୩)

==========================================================================

ପବସ୍ୱ ବାଚୋ ଅଗ୍ରିୟଃ ସୋମ ଚିତ୍ରାଭିରୂତିଭିଃ |
ଅଭି ବିଶ୍ୱାନି କାବ୍ୟା || ୧ ||

ତ୍ୱଂ ସମୁଦ୍ରିୟା ଅପୋଽଗ୍ରିୟୋ ବାଚ ଈରୟନ୍ |
ପବସ୍ୱ ବିଶ୍ୱଚର୍ଷଣେ || ୨ ||

ତୁଭ୍ୟେମା ଭୁବନା କବେ ମହିମ୍ନେ ସୋମ ତସ୍ଥିରେ |
ତୁଭ୍ୟଂ ଧାବନ୍ତି ଧେନବଃ || ୩ || (୭୭୭)

==========================================================================

**(୪-୨-୧-୦୨)** [ସୂକ୍ତଃ - ୨] **ଋଷିଃ** - ଅମହୀୟୁରାଙ୍ଗିରସଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) |
**ଦେବତା** - ପବମାନଃ ସୋମଃ (୧-୩)

==========================================================================

ପବସ୍ୱେନ୍ଦୋ ବୃଷା ସୁତଃ କୃଧୀ ନୋ ଯଶସୋ ଜନେ |
ବିଶ୍ୱା ଅପ ଦ୍ୱିଷୋ ଜହି || ୧ ||

Not For Commercial Use

ୟସ୍ୟ ତେ ସଖ୍ୟେ ବୟଂ ସାସହ୍ୟାମ ପୃତନ୍ୟତଃ |
ତବେନ୍ଦୋ ଦ୍ୟୁମ୍ନ ଉତ୍ତମେ || ୨ ||

ୟା ତେ ଭୀମାନ୍ୟାୟୁଧା ତିଗ୍ମାନି ସନ୍ତି ଧୂର୍ବଣେ |
ରକ୍ଷା ସମସ୍ୟ ନୋ ନିଦଃ || ୩ || (୭୮୦)

=====================================================================

**(୪-୨-୧-୦୩)** [ସୂକ୍ତଃ - ୩] **ଋଷିଃ** - କଶ୍ୟପୋ ମାରୀଚଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) | **ଦେବତା** - ପବମାନଃ ସୋମଃ (୧-୩)

=====================================================================

ବୃଷା ସୋମ ଦ୍ୟୁମାଂ ଅସି ବୃଷା ଦେବ ବୃଷବ୍ରତଃ |
ବୃଷା ଧର୍ମାଣି ଦଧ୍ରିଷେ || ୧ ||

ବୃଷ୍ଣସ୍ତେ ବୃଷ୍ଣ୍ୟଂ ଶବୋ ବୃଷା ବନଂ ବୃଷା ସୁତଃ |
ସ ତ୍ୱଂ ବୃଷନ୍ବୃଷେଦସି || ୨ ||

ଅଶ୍ୱୋ ନ ଚକ୍ରଦୋ ବୃଷା ସଂ ଗା ଇନ୍ଦୋ ସମର୍ବତଃ |
ବି ନୋ ରାୟେ ଦୁରୋ ବୃଧି || ୩ || (୭୮୩)

=====================================================================

**(୪-୨-୧-୦୪)** [ସୂକ୍ତଃ - ୪] **ଋଷିଃ** - ଭୃଗୁର୍ବାରୁଣିର୍ଜମଦଗ୍ନିର୍ଭାର୍ଗବୋ ବା (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) | **ଦେବତା** - ପବମାନଃ ସୋମଃ (୧-୩)

=====================================================================

ବୃଷା ହ୍ୟସି ଭାନୁନା ଦ୍ୟୁମନ୍ତଂ ତ୍ୱା ହବାମହେ |
ପବମାନ ସ୍ୱର୍ଦୃଶମ୍ || ୧ ||



Not For Commercial Use

ୟଦଦ୍-ଭିଃ ପରିଶିଚ୍ୟସେ ମର୍ମୃଜ୍ୟମାନ ଆୟୁଭିଃ |
ଦ୍ରୋଣେ ସଧସ୍ଥମଶ୍ନୁଷେ || ୨ ||

ଆ ପବସ୍ୱ ସୁବୀର୍ୟ୍ୟଂ ମନ୍ଦମାନଃ ସ୍ୱାୟୁଧ |
ଇହୋ ଷ୍ୱିନ୍ଦବା ଗହି || ୩ || (୭୮୬)

==========================================================

**(୪-୨-୧-୦୫)** [ସୂକ୍ତଃ - ୫] **ଋଷିଃ** - ଅମହୀୟୁରାଙ୍ଗିରସଃ (୧-୩) |
**ଛନ୍ଦ** - ଗାୟତ୍ରୀ (୧-୩) | **ଦେବତା** - ପବମାନଃ ସୋମଃ (୧-୩)

==========================================================

ପବମାନସ୍ୟ ତେ ବୟଂ ପବିତ୍ରମଭ୍ୟୁନ୍ଦତଃ |
ସଖିତ୍ୱମା ବୃଣୀମହେ || ୧ ||

ୟେ ତେ ପବିତ୍ରମୂର୍ମୟୋଽଭିକ୍ଷରନ୍ତି ଧାରୟା |
ତେଭିର୍ନଃ ସୋମ ମୃଡୟ || ୨ ||

ସ ନଃ ପୁନାନ ଆ ଭର ରୟିଂ ବୀରବତୀମିଷମ୍
ଈଶାନଃ ସୋମ ବିଶ୍ୱତଃ || ୩ || (୭୮୯)

**|| ଇତି ପ୍ରଥମଃ ଖଣ୍ଡଃ (୧) ||**

==========================================================

**(୪-୨-୧-୦୬)** [ସୂକ୍ତଃ - ୬] **ଋଷିଃ** - ମେଧାତିଥିଃ କାଣ୍ୱଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) |
**ଦେବତା** - ଅଗ୍ନିଃ (୧-୩)

==========================================================

ଅଗ୍ନିଂ ଦୂତଂ ବୃଣୀମହେ ହୋତାରଂ ବିଶ୍ୱବେଦସମ୍ |
ଅସ୍ୟ ୟଜ୍ଞସ୍ୟ ସୁକ୍ରତୁମ୍ || ୧ ||



Not For Commercial Use

ଅଗ୍ନିମଗ୍ନିଂ ହବୀମଭିଃ ସଦା ହବନ୍ତ ବିଶ୍ପତିମ୍ |
ହବ୍ୟବାହଂ ପୁରୁପ୍ରିୟମ୍ || ୨ ||

ଅଗ୍ନେ ଦେବାଂ ଇହା ବହ ଜଜ୍ଞାନୋ ବୃକ୍ତବର୍ହିଷେ |
ଅସି ହୋତା ନ ଈଡ୍ୟଃ || ୩ || (୭୯୨)

==========================================================================

**(୪-୨-୧-୦୭)** [ସୂକ୍ତଃ - ୭] **ଋଷିଃ** - ମେଧାତିଥିଃ କାଣ୍ୱଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) |
**ଦେବତା** - ମିତ୍ରାବରୁଣୌ (୧-୩)

==========================================================================

ମିତ୍ରଂ ବୟଂ ହବାମହେ ବରୁଣଂ ସୋମପୀତୟେ |
ୟ ଜାତା ପୂତଦକ୍ଷସା || ୧ ||

ଋତେନ ୟାବୃତାବୃଧାବୃତସ୍ୟ ଜ୍ୟୋତିଷସ୍ପତୀ |
ତା ମିତ୍ରାବରୁଣା ହୁବେ || ୨ ||

ବରୁଣଃ ପ୍ରାବିତା ଭୁବନ୍ମିତ୍ରୋ ବିଶ୍ୱାଭିରୂତିଭିଃ |
କରତାଂ ନଃ ସୁରାଧସଃ || ୩ || (୭୯୫)

==========================================================================

**(୪-୨-୧-୦୮)** [ସୂକ୍ତଃ - ୮] **ଋଷିଃ** - ମଧୁଛନ୍ଦା ବୈଶ୍ୱାମିତ୍ରଃ (୧-୪) | **ଛନ୍ଦ** - ଗାୟତ୍ରୀ (୧-୪) |
**ଦେବତା** - ଇନ୍ଦ୍ରଃ (୧-୪)

==========================================================================

ଇନ୍ଦ୍ରମିଦ୍ଗାଥିନୋ ବୃହଦିନ୍ଦ୍ରମର୍କେଭିରର୍କିଣଃ |
ଇନ୍ଦ୍ରଂ ବାଣୀରନୂଷତ || ୧ ||

ଇନ୍ଦ୍ର ଇଦ୍ଧର୍ୟୋଃ ସଚା ସମ୍ମିଶ୍ଲ ଆ ବଚୋୟୁଜା |
ଇନ୍ଦ୍ରୋ ବଜ୍ରୀ ହିରଣ୍ୟୟଃ || ୨ ||



Not For Commercial Use

ଇନ୍ଦ୍ର ବାଜେଷୁ ନୋଽବ ସହସ୍ରପ୍ରଧନେଷୁ ଚ |
ଉଗ୍ର ଉଗ୍ରାଭିରୂତିଭିଃ || ୩ ||

ଇନ୍ଦ୍ରୋ ଦୀର୍ଘାୟ ଚକ୍ଷସ ଆ ସୂର୍ଯ୍ୟଂ ରୋହୟଦ୍ଦିବି |
ବି ଗୋଭିରଦ୍ରିମୈରୟତ୍ || ୪ || (୭୯୯)

==========================================================

**(୪-୨-୧-୦୯)** [ସୂକ୍ତଃ - ୯] **ଋଷିଃ** - ବସିଷ୍ଠୋ ମୈତ୍ରାବରୁଣିଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) | **ଦେବତା** - ଇନ୍ଦ୍ରାଗ୍ନୀ (୧-୩)

==========================================================

ଇନ୍ଦ୍ରେ ଅଗ୍ନା ନମୋ ବୃହସ୍ସୁବୃକ୍ତିମେରୟାମହେ |
ଧିୟା ଧେନା ଅବସ୍ୟବଃ || ୧ ||

ତା ହି ଶଶ୍ୱନ୍ତ ଇଡତ ଇତ୍ଥା ବିପ୍ରାସ ଊତୟେ |
ସବାଧୋ ବାଜସାତୟେ || ୨ ||

ତା ବାଂ ଗୀର୍ଭିର୍ବିପନ୍ୟୁବଃ ପ୍ରୟସ୍ୱନ୍ତୋ ହବାମହେ |
ମେଧସାତା ସନିଷ୍ୟବଃ || ୩ || (୮୦୨)

**|| ଇତି ଦ୍ୱିତୀୟଃ ଖଣ୍ଡଃ (୨) ||**

==========================================================

**(୪-୨-୧-୧୦)** [ସୂକ୍ତଃ - ୧୦] **ଋଷିଃ** - ଭୃଗୁର୍ବାରୁଣିର୍ଜମଦଗ୍ନିର୍ଭାର୍ଗବୋ ବା (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) | **ଦେବତା** - ପବମାନଃ ସୋମଃ (୧-୩)

==========================================================

ବୃଷା ପବସ୍ୱ ଧାରୟା ମରୁତ୍ୱତେ ଚ ମତ୍ସରଃ |
ବିଶ୍ୱା ଦଧାନ ଓଜସା || ୧ ||



Not For Commercial Use

ତଂ ତ୍ୱା ଧର୍ତ୍ତାରମୋଣ୍ୟୋ୩ଃ ପବମାନ ସ୍ୱର୍ଦୃଶମ୍ |
ହିନ୍ୱେ ବାଜେଷୁ ବାଜିନମ୍ || ୨ ||

ଅୟା ଚିତ୍ତୋ ବିପାନୟା ହରିଃ ପବସ୍ୱ ଧାରୟା |
ଯୁଜଂ ବାଜେଷୁ ଚୋଦୟ || ୩ || (୮୦୫)

==========================================================

**(୪-୨-୧-୧୧)** [ସୂକ୍ତଃ - ୧୧] **ଋଷିଃ** - ଉପମନ୍ୟୁର୍ବାସିଷ୍ଠଃ (୧-୩) | **ଛନ୍ଦ** - ତ୍ରିଷ୍ଟୁପ୍ (୧-୩) |
**ଦେବତା** - ପବମାନଃ ସୋମଃ (୧-୩)

==========================================================

ବୃଷା ଶୋଣୋ ଅଭିକନିକ୍ରଦଦ୍ଗା ନଦୟନ୍ନେଷି ପୃଥିବୀମୁତ ଦ୍ୟାମ୍ |
ଇନ୍ଦ୍ରସ୍ୟେବ ବଗ୍ନୁରା ଶୃଣ୍ୱ ଆଜୌ ପ୍ରଚୋଦୟନ୍ନର୍ଷସି ବାଚମେମାମ୍ || ୧ ||

ରସାୟ୍ୟଃ ପୟସା ପିନ୍ୱମାନ ଇରୟନ୍ନେଷି ମଧୁମନ୍ତମଂଶୁମ୍ |
ପବମାନ ସନ୍ତନିମେଷି କୃଣ୍ୱନ୍ନିନ୍ଦ୍ରାୟ ସୋମ ପରିଷିଚ୍ୟମାନଃ || ୨ ||

ଏବା ପବସ୍ୱ ମଦିରୋ ମଦାୟୋଦଗ୍ରାଭସ୍ୟ ନମୟନ୍ୱଧସ୍ନୁମ୍ |
ପରି ବର୍ଣ୍ଣଂ ଭରମାଣୋ ରୁଶନ୍ତଂ ଗବ୍ୟୁର୍ନୋ ଅର୍ଷ ପରି ସୋମ ସିକ୍ତଃ || ୩ || (୮୦୮)

**|| ଇତି ତୃତୀୟଃ ଖଣ୍ଡଃ (୩) ||**

==========================================================

**(୪-୨-୧-୧୨)** [ସୂକ୍ତଃ - ୧୨] **ଋଷିଃ** - ଶଂୟୁର୍ବାର୍ହସ୍ପତ୍ୟଃ (୧-୨) | **ଛନ୍ଦ** - ପ୍ରଗାଥଃ (୧-୨) |
**ଦେବତା** - ଇନ୍ଦ୍ରଃ (୧-୨)

==========================================================

ତ୍ୱାମିଦ୍ଧି ହବାମହେ ସାତୌ ବାଜସ୍ୟ କାରବଃ |
ତ୍ୱାଂ ବୃତ୍ରେଷ୍ୱିନ୍ଦ୍ର ସତ୍ପତିଂ ନରସ୍ତ୍ୱାଂ କାଷ୍ଠାସ୍ୱର୍ବତଃ || ୧ ||

Not For Commercial Use

ସ ତ୍ୱଂ ନଶ୍ଚିତ୍ର ବଜ୍ରହସ୍ତ ଧୃଷ୍ଣୁୟା ମହ ସ୍ତବାନୋ ଅଦ୍ରିବଃ |
ଗାମଶ୍ୱଂ ରଥ୍ୟମିନ୍ଦ୍ର ସଂ କିର ସତ୍ରା ବାଜଂ ନ ଜିଗ୍ୟୁଷେ || ୨ || (୮୧୦)

==============================================================

**(୪-୨-୧-୧୩)** [ସୂକ୍ତଃ - ୧୩] **ଋଷିଃ** - ବାଲଖିଲ୍ୟାଃ, ପ୍ରସ୍କଣ୍ୱଃ କାଣ୍ୱଃ (୧-୨) | **ଛନ୍ଦ** - ପ୍ରଗାଥଃ (୧-୨) | **ଦେବତା** - ଇନ୍ଦ୍ରଃ (୧-୨)

==============================================================

ଅଭି ପ୍ର ବଃ ସୁରାଧସମିନ୍ଦ୍ରମର୍ଚ୍ଚ ୟଥା ବିଦେ |
ୟୋ ଜରିତୃଭ୍ୟୋ ମଘବା ପୁରୂବସୁଃ ସହସ୍ରେଣେବ ଶିକ୍ଷତି || ୧ ||

ଶତାନୀକେବ ପ୍ର ଜିଗାତି ଧୃଷ୍ଣୁୟା ହନ୍ତି ବୃତ୍ରାଣି ଦାଶୁଷେ |
ଗିରେରିବ ପ୍ର ରସା ଅସ୍ୟ ପିନ୍ୱିରେ ଦତ୍ରାଣି ପୁରୁଭୋଜସଃ || ୨ || (୮୧୨)

==============================================================

**(୪-୨-୧-୧୪)** [ସୂକ୍ତଃ - ୧୪] **ଋଷିଃ** - ନୃମେଧ ଆଙ୍ଗିରସଃ (୧-୨) | **ଛନ୍ଦ** - ପ୍ରଗାଥଃ (୧-୨) | **ଦେବତା** - ଇନ୍ଦ୍ରଃ (୧-୨)

==============================================================

ତ୍ୱାମିଦା ହ୍ୟୋ ନରୋଽପୀପ୍ୟନ୍ୱଜ୍ରିନ୍ଭୂର୍ଣ୍ଣୟଃ |
ସ ଇନ୍ଦ୍ର ସ୍ତୋମବାହସ ଇହ ଶ୍ରୁଧ୍ୟୁପ ସ୍ୱସରମା ଗହି || ୧ ||

ମତ୍ସ୍ୱା ସୁଶିପ୍ରିନ୍ହରିବସ୍ତମୀମହେ ତ୍ୱୟା ଭୂଷନ୍ତି ବେଧସଃ |
ତବ ଶ୍ରବାଂସ୍ୟୁପମାନ୍ୟୁକ୍ଥ୍ୟ ସୁତେଷ୍ୱିନ୍ଦ୍ର ଗିର୍ବଣଃ || ୨ || (୮୧୪)

**|| ଇତି ଚତୁର୍ଥଃ ଖଣ୍ଡଃ (୪) ||**



Not For Commercial Use

==========================================================

**(୪-୨-୧-୧୫)** [ସୂକ୍ତଃ - ୧୫] **ଋଷିଃ** - ଅମହୀୟୁରାଙ୍ଗିରସଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) | **ଦେବତା** - ପବମାନଃ ସୋମଃ (୧-୩)

==========================================================

ୟସ୍ତେ ମଦୋ ବରେଣ୍ୟସ୍ତେନା ପବସ୍ୱାନ୍ଧସା |
ଦେବାବୀରଘଶଂସହା || ୧ ||

ଜଘ୍ନିର୍ବୃତ୍ରମମିତ୍ରିୟଂ ସସ୍ନିର୍ବାଜଂ ଦିବେଦିବେ |
ଗୋଷାତିରଶ୍ୱସା ଅସି || ୨ ||

ସମ୍ମିଶ୍ଲୋ ଅରୁଷୋ ଭୁବଃ ସୂପସ୍ଥାଭିର୍ନ ଧେନୁଭି |
ସୀଦଂ ଚ୍ଛେୟନୋ ନ ୟୋନିମା || ୩ || (୮୧୭)

==========================================================

**(୪-୨-୧-୧୬)** [ସୂକ୍ତଃ - ୧୬] **ଋଷିଃ** - ନହୁଷୋ ମାନବଃ (୧-୩) | **ଛନ୍ଦ** - ଅନୁଷ୍ଟୁପ୍ (୧-୩) | **ଦେବତା** - ପବମାନଃ ସୋମଃ (୧-୩)

==========================================================

ଅୟଂ ପୂଷା ରୟିର୍ଭଗଃ ସୋମଃ ପୁନାନୋ ଅର୍ଷତି |
ପତିର୍ବିଶ୍ୱସ୍ୟ ଭୂମନୋ ବ୍ୟଖ୍ୟଦ୍ରୋଦସୀ ଉଭେ || ୧ ||

ସମୁ ପ୍ରିୟା ଅନୂଷତ ଗାବୋ ମଦାୟ ଘୃଷ୍ୱୟଃ |
ସୋମାସଃ କୃଣ୍ୱତେ ପଥଃ ପବମାନାସ ଇନ୍ଦବଃ || ୨ ||

ୟ ଓଜିଷ୍ଠସ୍ତମା ଭର ପବମାନ ଶ୍ରବାୟ୍ୟମ୍ |
ୟଃ ପଞ୍ଚ ଚର୍ଷଣୀରଭି ରୟିଂ ୟେନ ବନାମହେ || ୩ || (୮୨୦)



Not For Commercial Use

==================================================

**(୪-୨-୧-୧୭)** [ସୂକ୍ତଃ - ୧୭] **ଋଷିଃ** - ସିକତା ନିବାବରୀ (୧-୨), ପୃଶ୍ନିୟୋଜାଃ (୩) | **ଛନ୍ଦ** - ଜଗତୀ (୧-୩) | **ଦେବତା** - ପବମାନଃ ସୋମଃ (୧-୩)

==================================================

ବୃଷା ମତୀନାଂ ପବତେ ବିଚକ୍ଷଣଃ ସୋମୋ ଅହ୍ନାଂ ପ୍ରତରୀତୋଷସାଂ ଦିବଃ |
ପ୍ରାଣା ସିନ୍ଧୂନାଂ କଲଶାଂ ଅଚିକ୍ରଦଦିନ୍ଦ୍ରସ୍ୟ ହାର୍ଦ୍ୟାବିଶନ୍ମନୀଷିଭିଃ || ୧ ||

ମନୀଷିଭିଃ ପବତେ ପୂର୍ବ୍ୟଃ କବିର୍ନୃଭିର୍ୟତଃ ପରି କୋଶାଂ ଅସିଷ୍ୟଦତ୍ |
ତ୍ରିତସ୍ୟ ନାମ ଜନୟନ୍ମଧୁ କ୍ଷରନ୍ନିନ୍ଦ୍ରସ୍ୟ ବାୟୁଂ ସଖ୍ୟାୟ ବର୍ଧୟନ୍ || ୨ ||

ଅୟଂ ପୁନାନ ଉଷସୋ ଅରୋଚୟଦୟଂ ସିନ୍ଧୁଭ୍ୟୋ ଅଭବଦୁ ଲୋକକୃତ୍ |
ଅୟଂ ତ୍ରିଃ ସପ୍ତ ଦୁଦୁହାନ ଆଶିରଂ ସୋମୋ ହୃଦେ ପବତେ ଚାରୁ ମତ୍ସରଃ || ୩ || (୮୨୩)

**|| ଇତି ପଞ୍ଚମଃ ଖଣ୍ଡଃ (୫) ||**

==================================================

**(୪-୨-୧-୧୮)** [ସୂକ୍ତଃ - ୧୮] **ଋଷିଃ** - ଶ୍ରୁତକକ୍ଷଃ ସୁକକ୍ଷୋ ବା ଆଙ୍ଗିରସଃ (୧-୩) | **ଛନ୍ଦ** - ଗାୟତ୍ରୀ (୧-୩) | **ଦେବତା** - ଇନ୍ଦ୍ରଃ (୧-୩)

==================================================

ଏବା ହ୍ୟସି ବୀରୟୁରେବା ଶୂର ଉତ ସ୍ଥିରଃ |
ଏବା ତେ ରାଧ୍ୟଂ ମନଃ || ୧ ||

ଏବା ରାତିସ୍ତୁବୀମଘ ବିଶ୍ୱେଭିର୍ଧାୟି ଧାତୃଭିଃ |
ଅଧା ଚିଦିନ୍ଦ୍ର ନଃ ସଚା || ୨ ||

ମୋ ଷୁ ବ୍ରହ୍ମେବ ତଦିନ୍ଦ୍ରୟୁର୍ଭୁବୋ ବାଜାନାଂ ପତେ |
ମତ୍ସ୍ୱା ସୁତସ୍ୟ ଗୋମତଃ || ୩ || (୮୨୬)

==========================================================================

**(୪-୨-୧-୧୯)** [ସୂକ୍ତଃ - ୧୯] **ଋଷିଃ** - ଜେତା ମାଧୁଚ୍ଛନ୍ଦସଃ (୧-୩) | **ଛନ୍ଦ** - ଅନୁଷ୍ଟୁପ୍ (୧-୩) | **ଦେବତା** - ଇନ୍ଦ୍ରଃ (୧-୩)

==========================================================================

ଇନ୍ଦ୍ରଂ ବିଶ୍ବା ଅବୀବୃଧନ୍ତ୍ସମୁଦ୍ରବ୍ୟଚସଂ ଗିରଃ |
ରଥୀତମଂ ରଥୀନାଂ ବାଜାନାଂ ସତ୍ପତିଂ ପତିମ୍ || ୧ ||

ସଖ୍ୟେ ତ ଇନ୍ଦ୍ର ବାଜିନୋ ମା ଭେମ ଶବସସ୍ପତେ |
ତ୍ୱାମଭି ପ୍ର ନୋନୁମୋ ଜେତାରମପରାଜିତମ୍ || ୨ ||

ପୂର୍ବୀରିନ୍ଦ୍ରସ୍ୟ ରାତୟୋ ନ ବି ଦସ୍ୟନ୍ତ୍ୟୂତୟଃ |
ୟଦା ବାଜସ୍ୟ ଗୋମତ ସ୍ତୋତୃଭ୍ୟୋ ମଂହତେ ମଘମ୍ || ୩ || (୮୨୯)

**|| ଇତି ଷଷ୍ଠଃ ଖଣ୍ଡଃ (୬) ||**

## || ଇତି ଦ୍ୱିତୀୟପ୍ରପାଠକେ ପ୍ରଥମୋଽର୍ଧଃ (୨) ||

# || ଇତି ତୃତୀୟୋଽଧ୍ୟାୟଃ ସମାପ୍ତମ୍ (୩) ||

Not For Commercial Use